## ସଂକ୍ଷେପରେ

### ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ

ଫୁଲବାଣୀ ଅଫିସ, ୨୪।୮- ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର ଅଭିଯୋଗରେ ଫୁଲବାଣୀ ସ୍ପେଶାଲ୍ ଟ୍ରାକ କୋର୍ଟ ବିଚାରପତି ଅଭିଜିତ୍ ପଲେଇ ଶୁକ୍ରବାର ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ୩ ମାସ ଅଧିକ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତ ଜଣକ ହେଲେ ଫୁଲବାଣୀ ସଦର ଥାନା ସୁଜାପାଜୁ ଗ୍ରାମର ଉମେଶ ଚନ୍ଦ୍ର ମଲ୍ଲିକ। ଉମେଶ ଜଣେ ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ୩ ବର୍ଷ ପର୍ଯ୍ୟନ୍ତ ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଜଣକ ଗର୍ଭବତୀ ହେବାପରେ ଉମେଶ ବିବାହ କରିବାକୁ ରାଜି ହୋଇ ନ ଥିଲେ। ଏ ନେଇ ଯୁବତୀ ଜଣକ ୨୦୧୨ ଫେବୃଆରୀ ୧୦ରେ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୮/୧୨ରେ ମାମଲା ରୁଜୁ କରି ଉମେଶଙ୍କୁ ଗିରଫ କରିଥିଲା।

### ଦିବ୍ୟାଙ୍ଗଙ୍କୁ ସରକାରୀ ସୁବିଧା ଯୋଗାଅ

ଛତ୍ରପୁର,୨୪।୮(ଡି.ଏନ.ଏ.)-ଦିବ୍ୟାଙ୍ଗ ଅଧିକାର ଅଧିନିୟମ-୨୦୧୬ର କାର୍ଯ୍ୟକାରୀ ନେଇ ଗଞ୍ଜାମ ଜିଲା କମିଟି ବୈଠକ ଗୁରୁବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଟଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ବିଜୟ ଦାଶ ଅଧକ୍ଷତା କରିଥିଲେ । ଦିବ୍ୟାଙ୍ଗମାନଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ସରକାରୀ ଯୋଜନା କାର୍ଯ୍ୟକାରୀ ହେବ ଏବଂ ଏଥିରୁ ସେମାନେ ଯେଭଳି ଲାଭ ପାଇପାରିବେ ସେ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏଥିପାଇଁ ବୈଠକରେ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଅବମାନନା କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଜିଲାପାଳ କହିଥିଲେ। ଦିବ୍ୟାଙ୍ଗମାନଙ୍କୁ ପ୍ରମାଣପତ୍ର ଦେବାରେ ବିଳମ୍ବ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କା ଘର ଯୋଜନା ଓ ଡିଆର୍‌ଆଇ ଲୋନ୍ ଯୋଜନାରେ ଦିବ୍ୟାଙ୍ଗମାନଙ୍କୁ ସାମିଲ କରିବା ସୁଚାରୂପେ ସମ୍ପାଦନ କରିବାକୁ କୁହାଯାଇଛି । ବୈଠକରେ ଜିଲା ସମାଜ ମଙ୍ଗଳ ସୁରକ୍ଷା ଅଧିକାରୀ ବଳରାମ ସେଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

### ଛାତ୍ର ବିଜେଡି ପକ୍ଷରୁ ରିଲିଫ ପାଣ୍ଠି ସଂଗ୍ରହ

ଦିଗପହଣ୍ଡି,୨୪।୮(ଡି.ଏନ.ଏ.)-ଛାତ୍ର ବିଜୁ ଜନତା ଦଳ ଦିଗପହଣ୍ଡି ବ୍ଲକ ଶାଖା ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଖେମୁଣ୍ଡି କଲେଜ ଓ ଭୀଷ୍ମଗିରି ଗ୍ରାମସ୍ଥିତ ରାମ୍‌ଜୀ କଲେଜ ଛାତ୍ରୀଛାତ୍ରଙ୍କଠାରୁ କେରଳ ବନ୍ୟା ପ୍ରପୀଡ଼ିତଙ୍କ ସାହାଯ୍ୟ ପାଇଁ ପାଣ୍ଠି ସଂଗ୍ରହ କରାଯାଇଛି। ଛାତ୍ର ବିଜୁ ଜନତା ଦଳ ଗଞ୍ଜାମ ଜିଲା ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ସମ୍ପାଦକ ବିସ୍ମୟ ମହାନ୍ତି, ବ୍ଲକ ସଭାପତି ରାଜ କିଶୋର ମହାନ୍ତିଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ୧୪,୭୫୦ ଟଙ୍କା ସଂଗ୍ରହ କରିଥିଲେ । ସଂଗୃହୀତ ପାଣ୍ଠି କେରଳ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରେରଣ କରାଯିବ ବୋଲି ଛାତ୍ରନେତାମାନେ ଜଣାଇଛନ୍ତି । ବିକ୍ରମ ସିଂହ, ରାଜେଶ ଦାସ, ଅରୂପ ନାୟକ, ମନୋଜ ବେହେରା, ରାମକୃଷ୍ଣ ଦାସ, ସୁନୀଲ ବିଶୋୟୀ, ମାଧବ ଗୌଡ଼, ରଞ୍ଜନ ସେଠୀ, ଅଜୟ ସାହୁ, ଆଶିଷ ପ୍ରଧାନ, ଶ୍ରୀଧର ପୂଜାରୀ ପ୍ରମୁଖ ଛାତ୍ର ବନ୍ୟା ରିଲିଫ ପାଣ୍ଠି ସଂଗ୍ରହରେ ସହାୟତା କରିଥିଲେ ।

## ■ମକା ଫସଲରେ ରୋଗପୋକ, ଚିନ୍ତାରେ ଚାଷୀ

# ଉତ୍ପାଦନ ହ୍ରାସ, ଶୀତଳ ଭଣ୍ଡାର ନାହିଁ

ଗଞ୍ଜାମ,୨୪।୮(ଡି.ଏନ.ଏ.)

**ଗଞ୍ଜାମ ବ୍ଲକ**



ରାସ୍ତା କଡ଼ରେ ମକା ବ୍ୟବସାୟ।

ଗଞ୍ଜାମ ବ୍ଲକ ରମ୍ଭା ଅଞ୍ଚଳ ତଥା ବୁରୁଡ଼ି, ଖାରେଡ଼ି, ରାଧାଗୋବିନ୍ଦପୁର, ସାନରାମଚନ୍ଦ୍ରପୁର, ସିପକୁଦା, ଡ଼ିଆଁଡ଼େଇଁ, ମଧୁରବୁଆଁ ଆଦି ଅଞ୍ଚଳର ଲୋକମାନେ ବିଭିନ୍ନ ପନିପରିବା ଚାଷ ସାଙ୍ଗକୁ ମକା ଚାଷ କରିଥାନ୍ତି। ବର୍ଷକୁ ସେହି ଜମିରେ ପନିପରିବା ଏବଂ ବର୍ଷ ଶେଷ ଭାଗରେ ସେମାନେ ମକା ଚାଷ କରିଥାନ୍ତି। ସେଥିରୁ ଯାହା ଆୟ ହୁଏ ବର୍ଷ ତମାମ ପରିବାର ଚଳାଇବା ସହ ଅନ୍ୟାନ୍ୟ ଖର୍ଚ୍ଚ ମେଣ୍ଟିଥାଏ। କିନ୍ତୁ ପ୍ରାକୃତିକ ବିପର୍ଯ୍ୟୟ ଏବଂ ସରକାରୀ ସ୍ତରରେ ସେମାନଙ୍କୁ ପ୍ରୋତ୍ସାହନ ମିଳୁ ନ ଥିବା ଯୋଗୁ ସେମାନେ ନିଜ ମୁଖ୍ୟ ବେଉଷା ଚାଷ କାର୍ଯ୍ୟ ଛାଡ଼ି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବାକୁ ବାଧ୍ୟ ହେଉଥିବା ବୁରୁଡ଼ି ଗ୍ରାମର ଚାଷୀ ଦାଶରଥି ରଣା କହିଛନ୍ତି। ଅର୍ଥ ଅଭାବରୁ ପାଠପଢ଼ା ଅଧାରୁ ଛାଡ଼ି ବାପାଙ୍କୁ ଚାଷ କାମରେ ସାହାଯ୍ୟ କରିଥିଲେ। ତାଙ୍କ ପାଞ୍ଚ ଭରଣ (ଏକର) ଏବଂ ଭାଗ ଚାଷକୁ ଜମି ଆଣି ବିଭିନ୍ନ ଚାଷ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିବା ସେ କହିଛନ୍ତି। କିନ୍ତୁ ବର୍ତ୍ତମାନ ଅଧିକରୁ ଅଧିକ କଳ କାରଖାନା ଗଢ଼ି ଉଠିବା ଯୋଗୁ ସେହି ବିଷାକ୍ତ ଧୂଆଁରେ ଚାଷ କାର୍ଯ୍ୟ ପ୍ରଭାବିତ ହେଉଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସେ ନିଜ ଜମିରେ ମକା ଚାଷ କରିଥିଲେ। କିନ୍ତୁ ମକା ଫସଲରେ ରୋଗପୋକ ଯୋଗୁ ମକାଗଛ ଉଧେଇ ପାରିଲା ନାହିଁ। ଗୋଟିଏ ଗଛରେ ଯେତିକି ମକା ଫଳିବା କଥା ସେତିକି ଫଳୁନି। ଗଛ ମୂଳରୁ ପୋକ ଲାଗିବା ଫଳରେ ଗଛ ନଇଁଯିବା ସହ ପତ୍ର ଶୁଖି ହଳଦିଆ ପଡ଼ିଯାଉଛି। ଯେତିକି ମକା ଉତ୍ପାଦିତ ହେଉଛି ସେଥିରେ ମୂଲମଜୁରି ଖର୍ଚ୍ଚ ମଧ୍ୟ ଉଠୁନି। ଅନ୍ୟପଟେ ସମବାୟ ବ୍ୟାଙ୍କରୁ ମାତ୍ର ୮ ହଜାର ଟଙ୍କା ଋଣ ଦିଆଯାଇଥିବା ବେଳେ ଉକ୍ତ ଋଣ ଟଙ୍କା କିପରି ଶୁଝିବେ ବୋଲି ସେ କହିଛନ୍ତି। ଚଳିତ ବର୍ଷ ବାରମ୍ବାର ଲଘୁଚାପ ଜନିତ ବର୍ଷା ଯୋଗୁ ପନିପରିବା ଚାଷରେ କ୍ଷତି ହୋଇଥିବା ବେଳେ ମକା ଚାଷରେ ମଧ୍ୟ ଅଧିକ କ୍ଷତି ହୋଇଛି। ମକା ଡ଼ଜନ ପିଛା ୪୦ରୁ ୫୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ବସ୍ତା ପିଛା ୪୫୦ରୁ ୫୦୦ ଟଙ୍କାରେ ବିକ୍ରି ହେଉଛି। ମକା ଯଦି ଶୀଘ୍ର ବିକ୍ରି ନ ହୁଏ ତା’ହେଲେ ଖରାରେ ମକା ଗୁଡ଼ିକ ଶୁଖିଯାଏ। ତେଣୁ ଶାଗମାଛ ଦରରେ ବିକ୍ରି କରିବାକୁ ବାଧ୍ୟ ହେଉଛୁ ବୋଲି କହିଛନ୍ତି ଚାଷୀ। ଆମ ଅଞ୍ଚଳରେ ଶୀତଳ ଭଣ୍ଡାରଟିଏ ହୋଇପାରିଲେ ଭଲ ହୁଅନ୍ତା ବୋଲି ସେମାନେ କହିଛନ୍ତି।

## ଆର୍‌ଏମ୍‌ସିର କାର୍ଯ୍ୟକାରିଣୀ ବୈଠକ



ବୈଠକରେ ଉପସ୍ଥିତ ଉପଜିଲାପାଳ ଓ ଅନ୍ୟମାନେ।

ହିଞ୍ଜିଳିକାଟୁ,୨୪।୮(ଡି.ଏନ୍.ଏ.)

ହିଞ୍ଜିଳିକାଟୁ ଆର୍‌ଏମସିର ୨ୟ କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ଆର୍‌ଏମସି ପରିସରରେ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ଉପଜିଲାପାଳ ତଥା ଆରଏମସିର ଅଧ୍ୟକ୍ଷ ଦେବବ୍ରତ ସାହୁଙ୍କ ସଭାପତିତ୍ୱରେ କମିଟିର ବିଭିନ୍ନ ଉନ୍ନୟନ ପ୍ରସଙ୍ଗ ନେଇ ଆଲୋଚନା ହୋଇଥିଲା। ସମ୍ପାଦକ ବିନାୟକ ବିଶ୍ୱାଳ ଗତ ନଭେମ୍ବର ୨୦୧୭ରୁ ଜୁଲାଇ ୨୦୧୮ ପର୍ଯ୍ୟନ୍ତ ଆୟବ୍ୟୟ ଉପସ୍ଥାପନା କରିଥିଲେ। ଏହାର ସମୀକ୍ଷା କରାଯାଇ ଅନୁମୋଦନ ହୋଇଥିଲା। ହିଞ୍ଜିଳିକାଟୁ ବ୍ଲକରେ ବିଭିନ୍ନ ସ୍ଥାନରେ ସିମେଣ୍ଟ ଖଳା ନିର୍ମାଣ ନେଇ ଆଲୋଚନା ହୋଇଥିଲା। କୃଷିଜାତ ଦ୍ରବ୍ୟର ଅନ୍‌ଲାଇନ ମାର୍କେଟିଂ ନିମନ୍ତେ ଇ-ନାମ ସମ୍ବନ୍ଧୀୟ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ ନେଇ ଆଲୋଚନା ହୋଇଥିଲା। ଆରଏମସିର ନୂତନ ଅଫିସ ଗୃହ ନିର୍ମାଣ ସରିଥିଲେ ମଧ୍ୟ ଉଦଘାଟନ ହୋଇ ନଥିବାରୁ ଏହା କାର୍ଯ୍ୟକ୍ଷମ ହୋଇପାରୁନଥିବା ବୈଠକରେ ଆଲୋଚନା ହୋଇଥିଲା। ଏଥିସହ ଆରଏମସି ପରିସରରେ କାଟୋଗୋରୀ-୨ ଜିଲା ଉପଖଣ୍ଡ ସ୍ତରୀୟ ଆଧୁନିକ ଡ଼ାକ୍ତରଖାନା ନିର୍ମାଣ ନିମନ୍ତେ ଓଡ଼ିଶା ଫରେଷ୍ଟ ଡ଼େଭଲପମେଣ୍ଟ କର୍ପୋରେଶନ (ଓଏଫଡ଼ିସି) ପକ୍ଷରୁ ଗଛ କଟା ଚାଲିଛି। ଏଗୁଡ଼ିକ ଆରଏମସିର ସମ୍ପତି ହୋଇଥିବାରୁ କଟା ଗଛକୁ ଆରଏମସିକୁ ହସ୍ତାନ୍ତର ପାଇଁ କିଛି ସଦସ୍ୟ ଦାବି କରିଥିଲେ। ଅନ୍ୟପକ୍ଷରେ ଆରଏମସିର ହିଞ୍ଜିଳିକାଟୁ ବଜାର ପ୍ରାଙ୍ଗଣରେ ଆଧୁନିକ ଡ଼ାକ୍ତରଖାନା ନିର୍ମାଣ ପରେ ପ୍ରତି ଶନିବାର ହେଉଥିବା ଗୋରୁ ବେପାର ହାଟ ବାଧା ହେବା ସମ୍ଭାବନା ଥିବାରୁ ଏଥିପ୍ରତି ବିକଳ୍ପ ବ୍ୟବସ୍ଥା କରିବାକୁ ଦାବି ହୋଇଥିଲା। ଗତ ୫ବର୍ଷ ଧରି କ୍ରମାଗତ ହାଟରୁ ରାଜସ୍ୱ କମିବାରେ ଲାଗିଛି। ଏହାକୁ ବର୍ଷିକିଆ ନିଲାମ ପାଇଁ ବୈଠକରେ ବହୁ ସଦସ୍ୟ ମତ ରଖିଥିଲେ। ଆରଏମସି ବଜାର ଗୃହର ନବୀକରଣ ଓ ପ୍ରତି ମାସରେ ଭଡ଼ା ଆଦାୟକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଆରଏମସି ଉପାଧ୍ୟକ୍ଷ ସୁରେନ୍ଦ୍ର ପ୍ରଧାନ, ବ୍ଲକ ଅଧ୍ୟକ୍ଷ ଏନ ରଘୁନାଥ, ବିଡ଼ିଓ ପ୍ରସନ୍ନ କୁମାର ପାତ୍ର, ତହସିଲଦାର ଗୋପୀନାଥ କୁଅଁର, ସଭ୍ୟ ସରୋଜ ପଣ୍ଡା, ହରିହର ପାଢ଼ି, ନୀଳମାଧବ ସାହୁ, ପ୍ରଦୀପ କୁମାର ପଣ୍ଡା, କିଶୋର ଚନ୍ଦ୍ର ନାହାକ, କାଳୁ ଚରଣ ସାବତ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ଦମ୍ପତିଙ୍କୁ ମାଡ ସହ ଘରପୋଡ଼ି ନେଇ ଥାନାରେ ଅଭିଯୋଗ

ବୁଗୁଡ଼ା,୨୪।୮(ଡି.ଏନ.ଏ.)

ବୁଗୁଡ଼ା ଥାନା କୁଶପଲୀ ଗ୍ରାମରେ ଗୁରୁବାର ରାତିରେ ଜନୈକ ଦମ୍ପତିଙ୍କୁ ଜଣେ ଯୁବକ ମାଡ ମାରିବା ସହ ତାଙ୍କ ଘର ପୋଡି ଦେଇଥିବା ନେଇ ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ଖବର ଲେଖାହେବା ବେଳକୁ ବୁଗୁଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ପ୍ରକାଶ ଯେ, କୁଶପଲୀ ଗ୍ରାମର ଜଣେ ମହିଳାଙ୍କ ଘରେ ପଶି ଗୁରୁବାର ଅପରାହ୍ଣରେ ସେହି ଗ୍ରାମର ଜଣେ ବ୍ୟକ୍ତି ମାଡ ମାରିଥିଲେ। ମହିଳା ଜଣଙ୍କୁ ତାଙ୍କ ସ୍ୱାମୀ ଉଦ୍ଧାର କରିବାକୁ ଆସିବାରୁ ତାଙ୍କୁ ମଧ୍ୟ ଠେଙ୍ଗାରେ ପିଟିଥିଲେ। ପରେ ୪୨ ହଜାର ଟଙ୍କା ନ ଦେଲେ ଦୁଇଜଣଙ୍କୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ବିଳମ୍ବିତ ରାତିରେ ସମ୍ପୃକ୍ତ ଯୁବକ ଦମ୍ପତି ଘରେ ଶୋଇଥିବାବେଳେ ନିଆଁ ଲଗାଇ ଦେଇଥିବା ମଧ୍ୟ ଅଭିଯୋଗରେ ଉଲ୍ଲେଖ ରହିଛି। ଫଳରେ ଉକ୍ତ ପରିବାରର ଘରେ ଥିବା ସମସ୍ତ କାଗଜପତ୍ର ସହ ଜିନିଷପତ୍ର ପୋଡ଼ି ପାଉଁଶ ହୋଇଯାଇଛି।

## ଉଜ୍ଜ୍ୱଳା ଯୋଜନାର ଶୁଭାରମ୍ଭ

କନିଷି,୨୪।୮(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡା ବ୍ଲକ ଗୋଳନ୍ଥରା ଚଟି ଛକରେ ଶୁକ୍ରବାର ଶକ୍ତି ଇଣ୍ଡେନ ଗ୍ୟାସ ଗ୍ରାମୀଣ ବିତରକ ସଂସ୍ଥା ତରଫରୁ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ୪୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ମାଗଣାରେ ଗ୍ୟାସ ବିତରଣ କରାଯାଇଛି। ମୁଖ୍ୟଅତିଥି ଭାବେ ରଙ୍ଗେଇଲୁଣ୍ଡା ବ୍ଲକ ୫୩ନଂ. ଜୋନ ଜିଲା ପରିଷଦ ସଭ୍ୟ ବିନୋଦ ଚନ୍ଦ୍ର ମିଶ୍ର, ଗୋଳନ୍ଥରା ସରପଞ୍ଚ ସସ୍ମିତା ଜେନା, ସମିତିସଭ୍ୟ ଚିତ୍ରସେନ ଜେନାଙ୍କ ସମେତ ଶକ୍ତି ଇଣ୍ଡେନ ଗ୍ରାମୀଣ ବିତରକ ସଂସ୍ଥାର ଏନ୍. ଜଗା ରାଓ, ପ୍ରକାଶ ଜେନା, ଭାଜପା ନେତା ଶୁଭାଶିଷ ସାହୁ, ସନତ କୁମାର ନାୟକ, ଦୀପକ କୁମାର ଜେନା, ଶିବ ସାଗର ପ୍ରଧାନ, ବିଚିତ୍ର ଜେନା, ମହେନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ■ଆର.ଉଦୟଗିରି ଏବଂ ନୂଆଗଡ଼ ବ୍ଲକ

# ଭାଜପା କାର୍ଯ୍ୟକାରିଣୀ ବୈଠକ

ଆର.ଉଦୟଗିରି,୨୪।୮(ଡି.ଏନ.ଏ.)



ଉପସ୍ଥିତ ଭାଜପା କାର୍ଯ୍ୟକର୍ତ୍ତା।

ଗଜପତି ଜିଲା ଆର.ଉଦୟଗିରି ଏବଂ ନୂଆଗଡ଼ ବ୍ଲକରେ ମଣ୍ଡଳ ତଥା ବ୍ଲକସ୍ତରୀୟ ଭାଜପା କାର୍ଯ୍ୟକାରିଣୀ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆର.ଉଦୟଗିରି ବ୍ଲକର ମକାପଦା ଶବରସମାଜ ଗୃହ ଏବଂ ନୂଆଗଡ଼ ବ୍ଲକର ଦୋଘରିଆ ଠାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଜପତି ଜିଲା ପ୍ରଭାରୀ ଯାଜ୍ଞସେନ ସାମଲ, ମଣ୍ଡଳ ସଭାପତି ଭୂଷଣ ପୂଜାରୀ, ସମ୍ପାଦକ ବୀରଭାସ୍କର ପାଇକ, ଜିଲା ଉପସଭାପତି ପ୍ରଦୀପ ହରିଚନ୍ଦନ, ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନନ୍ଦିନୀ ସାମଲ, ନାରୀନେତ୍ରୀ ମମତା ବେହେରଦଳାଇ, ମାୟା ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ। ନୂଆଗଡ଼ ବ୍ଲକର ପୂର୍ବତନ ବିଧାୟକ ଭରତ ପାଇକ, ମଣ୍ଡଳ ସଭାପତି ସୁଦର୍ଶନ ମଣ୍ଡଳ, ସମ୍ପାଦକ ମନୋଜ ପାଇକ ଏବଂ ଶତାଧିକ ଭାଜପା କର୍ମୀ ଯୋଗ ଦେଇଥିଲେ। ବୈଠକ ଆରମ୍ଭରେ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିଚାରଣ କରାଯିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବୁଥ ସ୍ତରରେ କିପରି ଲୋକଙ୍କ ପାଖକୁ ଯାଇ ପହଞ୍ଚିବା ଏବଂ ଦଳର ଅନ୍ୟାନ୍ୟ ବିଷୟ ନେଇ ଆଲୋଚନା କରାଯାଇଥିଲା।

## ଜି.ଉଦୟଗିରି: ୨ ଦିନ ହେଲା ବ୍ୟାଙ୍କ ସେବା ଅଚଳ

ଜି.ଉଦୟଗିରି,୨୪।୮(ଡି.ଏନ.ଏ.)

ଜି.ଉଦୟଗିରିରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କରେ ଦୁଇଦିନ ହେବ ଲିଙ୍କ୍ ନ ଥିବାରୁ ବ୍ୟାଙ୍କ କାର୍ଯ୍ୟ ବନ୍ଦ ହୋଇଯାଇଛି। ଗୁରୁବାର ଅପରାହ୍ନରୁ ଏହି ସମସ୍ୟା ଦେଖାଦେଇଛି। ଫଳରେ ଗ୍ରାହକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚତୁର୍ଥ ଶନିବାର ଓ ରବିବାର ବ୍ୟାଙ୍କ ଛୁଟି ଥିବାରୁ ଶୁକ୍ରବାର ବ୍ୟାଙ୍କରେ ଗହଳି ଲାଗି ରହିଥିଲା। ଲିଙ୍କ୍ ନ ଥିବା ଫଳରେ ବ୍ୟାଙ୍କ କାରବାର ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଏ ନେଇ ଜି.ଉଦୟଗିରି ଭାରତୀୟ ଷ୍ଟେଟବ୍ୟାଙ୍କର ଶାଖା ପରିଚାଳକ କୁମାର ବେହେରାଙ୍କୁ ପଚାରିବାରେ ଗୁରୁବାର ଅପରାହ୍ନରୁ ଶୁକ୍ରବାର ଅପରାହ୍ନ ୩ଟା ପର୍ଯ୍ୟନ୍ତ ଲିଙ୍କ୍ ନ ଥିଲା ଅପରାହ୍ନ ୩ଟାରେ ଲିଙ୍କ ଆସିବା ପରେ କାମ ଚାଲିଛି।

## ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ




ଆନ୍ଦୋଳନକାରୀ ଓକିଲମାନେ।

ଆସିକା,୨୪।୮(ଡି.ଏନ୍.ଏ.)

ଆସିକା ଓକିଲ ସଂଘ ପକ୍ଷରୁ କେତେକ ନୀତିଗତ ଦାବି ପୂରଣ ଦିଗରେ ସରକାରୀ ଉଦାସୀନତାର ପ୍ରତିବାଦରେ ଶୁକ୍ରବାର ଓକିଲମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ଏହି ଆନ୍ଦୋଳନ ଶୁକ୍ରବାର ଓ ଶନିବାର ଦୁଇଦିନ ଧରି ଚାଲିବ। ବ୍ରହ୍ମପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା, ଋଷକୁଲ୍ୟା ଜିଲା ଗଠନ, ଆସିକା ପୋଲିସ ଜିଲା ପ୍ରତିଷ୍ଠା, ଆସିକା ସବ୍ ଡିଭିଜନ୍ ପ୍ରତିଷ୍ଠା ଓ ବାବନପୁରସ୍ଥିତ ଆଞ୍ଚଳିକ କୁଷ୍ଠ ତାଲିମ ଓ ଗବେଷଣା ପ୍ରତିଷ୍ଠାନରେ ଏକ ସୁପର ସ୍ପେଶିଆଲିଟି ହସ୍‌ପିଟାଲ ପ୍ରତିଷ୍ଠା ଦାବି ନେଇ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଥିବା ଓକିଲ ସଂଘ ସଭାପତି ସୁରେନ୍ଦ୍ର ନାଥ ପଣ୍ଡା ପ୍ରକାଶ କରିଛନ୍ତି। ଓକିଲମାନଙ୍କ ଏହି ଆନ୍ଦୋଳନ ଫଳରେ ସ୍ଥାନୀୟ ଅତିରିକ୍ତ ଜିଲା ଜଜ କୋର୍ଟ, ସିଭିଲ ଜଜ ସିନିୟର ଡିଭିଜନ, ସିଭିଲ ଜଜ ଜୁନିୟର ଡିଭିଜନ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଓ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଅଦାଲତର ସ୍ୱାଭାବିକ କାର୍ଯ୍ୟଧାରା ବ୍ୟାହତ ହୋଇଛି। ସୂଚନାଯୋଗ୍ୟ ଏହି ଦାବି ସମୂହକୁ ନେଇ ଓକିଲ ସଂଘ ପକ୍ଷରୁ ବହୁ ବର୍ଷ ଧରି ପ୍ରତ୍ୟେକ ମାସର ଶେଷ ଶୁକ୍ରବାର ଓ ଶନିବାର ୨ଦିନ ଧରି କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁ ରହିଛି।

## ଧରାକୋଟ ଅଞ୍ଚଳରେ ବଢୁଛି ଚୋରି, ଲୋକେ ଆତଙ୍କିତ

ଧରାକୋଟ,୨୪।୮(ଡି.ଏନ୍.ଏ.)

ଧରାକୋଟ ଓ ଏହାର ଆଖପାଖ ଅଞ୍ଚଳରେ ଗତ କିଛିଦିନ ହେଲା ବିଭିନ୍ନ ସ୍ଥାନରେ ଚୋରି ହେଉଥିବାରୁ ଲୋକେ ଆତଙ୍କିତ ହୋଇପଡିଛନ୍ତି। ପ୍ରକାଶ ଯେ, ଗୁରୁବାର ରାତିରେ ବରଗଡ ଥାନା ଚାରିଛକ ଗ୍ରାମରେ ଚୋରମାନେ ପଶି ମଞ୍ଜୁଳା ବିଶୋଇଙ୍କ ଘରୁ ୨ ଭରି ସୁନା ସହ ନଗଦ ୧୨ ହଜାର ଟଙ୍କା, ମିଲୁ ଛାଟୋଇଙ୍କ ନଗଦ ଟଙ୍କା, ସୁବାସ ମହାରଣାଙ୍କ ରୁପା ଅଳଙ୍କାର ସହ ନଗଦ ଟଙ୍କା ଚୋରି କରି ନେଇଛନ୍ତି। ଖବର ଲେଖାହେବା ସୁଦ୍ଧା ଏ ନେଇ ଥାନାରେ ମାମଲା ରୁଜୁ ହୋଇନାହିଁ। ପ୍ରକାଶ ଯେ, ଗତ ସୋମବାର ରାତିରେ ଧରାକୋଟ ମେଡିକାଲସାହିର ବାସନ୍ତୀ ଗୌଡଙ୍କ ଘରୁ ବିଳମ୍ବିତ ରାତିରେ ଚୋରମାନେ ୧୪ ଭରି ସୁନା ସହ ନଗଦ ୫ ହଜାର ଟଙ୍କା ଚୋରି କରି ନେଇଥିଲେ। ଆଖପାଖର ୩ ଘରୁ ଚୋରି ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲେ।

## ପୋଲିସ ପରିଚୟ ଦେଇ ଡକାୟତି ଘଟଣା

# ଜଣେ ଗିରଫ, ୫ ଫେରାର

ଗୋପାଳପୁର,୨୪।୮

ଗୋଳନ୍ଥରା ଥାନା ସୁମାଣ୍ଡି ଛକ ନିକଟରେ ଗତ ଜୁନ ୧ ତାରିଖରେ ତିନୋଟି ବାଇକରେ ୬ ଜଣ ଡ଼କାୟତ ନିଜକୁ ପୋଲିସ ପରିଚୟ ଦେଇ ଯାଞ୍ଚ ଆଳରେ କିଛି ବ୍ୟକ୍ତିଙ୍କ ଠାରୁ ଟଙ୍କା ଓ ଏକ କାର ଛଡ଼ାଇ ନେଇଥିଲେ। ଏନେଇ ଗୋଳନ୍ଥରା ଥାନାରେ ନଂ. ୧୦୮/୧୮ରେ ମାମଲା ରୁଜୁ ହୋଇଥିଲା। ଘଟଣା ପରଠାରୁ ଡ଼କାୟତମାନେ ଫେରାର ହୋଇଯାଇଥିଲେ। ସେମାନଙ୍କ ମଧ୍ୟରୁ ଗିରିସୋଲା ଗ୍ରାମ ନୂଆ ସାହିର ଟି. ଦୁର୍ଯ୍ୟୋଧନ (୨୮)ଙ୍କୁ ଶୁକ୍ରବାର ସନ୍ଧ୍ୟାରେ ପୋଲିସ ଗିରଫ କରିଛି। ପ୍ରକାଶ ଯେ, ବ୍ରହ୍ମପୁର ଅଞ୍ଚଳର ଟି. ବିନୟ, ଅଜୟ ସ୍ୱାଇଁ ଓ ଅକ୍ଷୟ ରାଉତ ବିଶାଖାପାଟଣାରୁ ବ୍ରହ୍ମପୁର ଅଭିମୁଖେ ଆସୁଥିଲେ। ସୁମାଣ୍ଡି ଛକ ନିକଟରେ ସକାଳ ପ୍ରାୟ ୯ଟାରେ ଦୁର୍ବୃତ୍ତମାନେ ପୋଲିସ ବୋଲି କହି ଗାଡି ଅଟକାଇବା ସହ ଯାଞ୍ଚ ଆଳରେ ଡ୍ରାଇଭରଙ୍କ ଠାରୁ ଟଙ୍କା ଓ ଗାଡ଼ି ଛଡ଼ାଇ ନେଇଥିଲେ। ଏନେଇ କୃଷ୍ଣଚନ୍ଦ୍ର ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଥାନାଧିକାରୀ ଡ଼. ଆଲୋକ ଜେନାଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଡ଼କାୟତିଙ୍କୁ ଧରିବାକୁ ଜାଲ ବିଛାଯାଇଥିଲେ। ଦୁର୍ଯ୍ୟୋଧନ ଗ୍ରାମକୁ ଫେରୁଥିବା ଖବର ପାଇ ପୋଲିସ ଚଢ଼ାଉ କରି ତାଙ୍କୁ କାବୁ କରିଛି। ଫେରାର ଡ଼କାୟତମାନଙ୍କୁ ଅତିଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ଜେନା ସୂଚନା ଦେଇଛନ୍ତି।






## ସଂକ୍ଷେପରେ

### ପ୍ରସ୍ତାବିତ କୋର୍ଟ ବିଲ୍ଡିଂ ସିନ୍ଦରାପଲ୍ଲୀରେ କରାଯାଉ

**ଛତ୍ରପୁର,୨୪।୮(ଡି.ଏନ.ଏ)-** ଗଞ୍ଜାମ ଜିଲା ଛତ୍ରପୁରରେ ପ୍ରସ୍ତାବିତ ନୂଆ ଜୁଡିସିଆଲ କୋର୍ଟ ବିଲ୍ଡିଂ ନିର୍ମାଣ ପାଇଁ ଗୁରୁବାର ଟିକଲଖଣ୍ଡି ଓ ସିନ୍ଦରାପଲ୍ଲୀଠାରେ ଥିବା ସରକାରୀ ଜମିକୁ ଉପଜିଲାପାଳ ଓ ତହସିଲଦାର ଅନୁଧ୍ୟାନ କରିଥିଲେ । ଏହାର ରିପୋର୍ଟ ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯିବ। ସିନ୍ଦରାପଲ୍ଲୀଠାରେ ଏହି ବିଲ୍ଡିଂ ନିର୍ମାଣ କରିବା ପାଇଁ ଜମି ଦେବାକୁ ଛତ୍ରପୁର ଓକିଲ ସଂଘ ପକ୍ଷରୁ ପ୍ରଶାସନକୁ ଅନୁରୋଧ କରାଯାଇଥିଲା। ଏହି ଜମି ଉପଯୁକ୍ତ ବୋଲି ବ୍ରହ୍ମପୁରସ୍ଥିତ ଜିଲା ଜଜ୍ ଏବଂ ଗଞ୍ଜାମ ଜିଲାପାଳଙ୍କୁ ଚିଠି ମାଧ୍ୟମରେ ଅନୁରୋଧ କରାଯାଇଥିଲା । ସିନ୍ଦରାପଲ୍ଲୀରେ ଥିବା ସରକାରୀ ଜମି ନିକଟକୁ ଯିବାକୁ ଘରୋଇ ଜମି ନେଇ ଏହା ତ୍ୱରାନ୍ୱିତ କରାଯାଉ ବୋଲି ଓକିଲ ସଂଘର ସଭାପତି କେ ଶିବରାମ ରେଡ୍ଡୀ ଶୁକ୍ରବାର କହିଛନ୍ତି। ସିନ୍ଦରାପଲ୍ଲୀଠାରୁ ଛତ୍ରପୁରକୁ ଦୂରତା କମ୍ ଥିବା ସହ ଜାତୀୟ ରାଜପଥ ନିକଟରେ ଏହା ରହିଛି। ଏହା ଦ୍ୱାରା ଉଭୟ ଓକିଲ ଓ ଜନସାଧାରଣ ଙ୍କ ସୁବିଧା ହେବ ବୋଲି କୁହାଯାଇଛି ।

### ନୂତନ ବିଡିଓଙ୍କ ଦାୟିତ୍ୱ ଗ୍ରହଣ



**ପୁରୁଷୋତ୍ତମପୁର,୨୪।୮(ଡି.ଏନ୍.ଏ.)-** ପୁରୁଷୋତ୍ତମପୁର ବ୍ଲକରେ ନୂତନ ବିଡିଓ ଭାବେ ଆଇଏଏସ୍ ଅଫିସର ପି. ଅନ୍ୱେଷା ରେଡ୍ଡୀ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରୋବେସନରେ ରହି ଆସିଷ୍ଟାଣ୍ଟ କଲେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ତହସିଲଦାର ତଥା ଭାରପ୍ରାପ୍ତ ବିଡିଓ ଦାୟିତ୍ୱରେ ଥିବା ଡ.ଈପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କଠାରୁ ନୂତନ ବିଡିଓ ଦାୟିତ୍ୱ ଗ୍ରହଣ କରିବା ପରେ କର୍ମଚାରୀଙ୍କ ସମେତ ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ପଣ୍ଡା, ସରପଞ୍ଚ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଜନସାଧାରଣଙ୍କ ସମସ୍ୟାକୁ ଶୀଘ୍ର ସମାଧାନ କରିବା, ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତକୁ ଗୁରୁତ୍ୱ ଦିଆଯିବ ବୋଲି ନୂତନ ବିଡିଓ କହିଛନ୍ତି।

### ଯୁବକଙ୍କ ଆତ୍ମହତ୍ୟା

**ଚିକିଟି,୨୪।୮(ଡି.ଏନ.ଏ.)-**କେ.ନୂଆଗାଁ ଥାନା ନୂଆପଡ଼ା ଫାଣ୍ଡି ପତିଗୋବିନ୍ଦପୁର ନିକଟସ୍ଥ ମୁଚିତୋଟାରେ ଶୁକ୍ରବାର ମଧ୍ୟାହ୍ନରେ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି । ସେ ହେଲେ ପତିଗୋବିନ୍ଦପୁର ଗ୍ରାମର ମୋହନ ସେଠୀ (୧୯) । ଗତ ଦୁଇଦିନ ହେବ ଗ୍ରାମରୁ ସେ କୁଆଡେ ଚାଲି ଯାଇଥିଲେ । ପରିବାର ଲୋକେ ବହୁ ଖୋଜିଖୋଜି କରିଥିଲେ । ଶୁକ୍ରବାର କେତେକ ଗ୍ରାମବାସୀ ଏକ ଗଛରେ ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତଦେହ ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ । ପରିବାର ଲୋକେ ପୋଲିସକୁ ଖବର ଦେବାପରେ କେ.ନୂଆଗାଁ ଥାନା ଓ ନୂଆପଡ଼ା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇ ଦେଇଛି । ଏନେଇ କେସ୍ ନଂ. ୬/୧୮ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି । ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି ।

### କୁଲଦୀପ ନାୟାରଙ୍କୁ ଶ୍ରଦ୍ଧାଞ୍ଜଳି

**ବ୍ରହ୍ମପୁର ଅଫିସ୍,୨୪।୮:**ବର୍ଷୀୟାନ୍ ଖବରଦାତା ତଥା ସ୍ତମ୍ଭକାର କୁଲଦୀପ ନାୟାରଙ୍କ ବିୟୋଗରେ ନବୀନ ଭବନ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଖିଳ ଭାରତ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ସଭାପତି ରବି ରଥ ଅଧ୍ୟକ୍ଷତା କରିଥିଲେ। ୧୪ଟି ଭାଷାରେ ଶତାଧିକ ଖବରକାଗଜରେ ଜଣେ ଖବରଦାତା ଏବଂ ସ୍ତମ୍ଭକାର ରହିଥିବା କୁଲଦୀପଙ୍କ ସ୍ମୃତିଚାରଣ କରାଯିବା ସହ ତାଙ୍କ ଆତ୍ମାର ସଦଗତି କାମନା କରାଯାଇଥିଲା। ଶୋକ ସଭାରେ ଡା. ଶ୍ରୀବତ୍ସ ଦଲାଇ, ବରିଷ୍ଠ ସାହିତ୍ୟିକ ଚନ୍ଦ୍ରମଣୀ ସ୍ୱାଇଁ, ବୈଜ୍ଞାନିକ ତମ୍ବରୁଧର ସାହୁ, ସୁଶାନ୍ତ କୁମାର କର, ଇଂ. ମାନସ ରଞ୍ଜନ ଦାଶ, ହିନ୍ଦ ମଜଦୁର ସଭାର ନେତା ସତ୍ୟ ନାରାୟଣ ତ୍ରିପାଠୀ, ହରିଜନ ନେତା ପଦ୍ମଚରଣ ନାୟକ, ସାହିତ୍ୟିକ କପିଳ ଚନ୍ଦ୍ର ମହାନ୍ତି, ପାରାଦୀପ ପୋର୍ଟର ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିଜୟ ଚନ୍ଦ୍ର ସାହୁ, ନାରାୟଣ ମହାଙ୍କୁଡ଼, ରବି ମହାରଣା, ଗୌରାଙ୍ଗ ଚୌଧୁରୀ, ସରୋଜ ପଟ୍ଟନାୟକ, ଇଂ. ରାଜା କିଶୋର ଷଡ଼ଙ୍ଗୀ, ନୃସିଂହ ପ୍ରସାଦ ପାଢ଼ି ପ୍ରମୁଖ ଯୋଗ ଦେଇଥିଲେ।

# ସାରିଙ୍ଗିଇର୍ପି ବିଦ୍ୟାଳୟରେ ଅବ୍ୟବସ୍ଥା

## ୩ ଗୃହରେ ୮ ଶ୍ରେଣୀର ଛାତ୍ରୀଛାତ୍ର, ଗଳୁଛି ବର୍ଷା ପାଣି

**ଦାରିଙ୍ଗବାଡ଼ି,୨୪।୮(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକ ସାରିଙ୍ଗଇର୍ପି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅବ୍ୟବସ୍ଥା ଦେଖାଦେଇଛି । ଲଗାଣ ବର୍ଷା ବେଳେ ଶ୍ରେଣୀ ଗୃହରେ ପାଣି ଗଳୁଛି। ଫଳରେ ପିଲାଙ୍କ ପାଠପଢ଼ାରେ ବାଧା ସୃଷ୍ଟି ହୋଇଛି। ବର୍ଷା ଯୋଗୁ ଶ୍ରେଣୀଗୃହ ଦିନତମାମ ଓଦା ରହୁଥିବାରୁ ଅଭିଭାବକମାନେ ପିଲାଙ୍କୁ ବିଦ୍ୟାଳୟକୁ ପଠାଇବାକୁ ଅମଙ୍ଗ ହେଉଛନ୍ତି। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୩୦ ଛାତ୍ରୀ ଛାତ୍ର ଅଛନ୍ତି। ପ୍ରଥମ ଶ୍ରେଣୀରେ ୧୭, ଦ୍ୱିତୀୟରେ ୧୭, ତୃତୀୟରେ ୧୪, ଚତୁର୍ଥରେ ୧୮, ପଞ୍ଚମରେ ୧୬, ଷଷ୍ଠରେ ୧୯, ସପ୍ତମରେ ୧୪ ଏବଂ ଅଷ୍ଟମରେ ୧୫ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ୮ ଶ୍ରେଣୀର ପିଲାଙ୍କ ନିମନ୍ତେ ୪ଟି ଶ୍ରେଣୀ ଗୃହ ରହିଥିଲେ ମଧ୍ୟ ସେଥିରୁ ଗୋଟିଏ ଗୃହ ଭାଙ୍ଗିରୁଜି ଯାଇଛି। ବର୍ତ୍ତମାନ ୩ଟି ଗୃହରେ ଶିକ୍ଷାଦାନ କରାଯାଉଥିବାରୁ ଅସୁବିଧା ହେଉଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ ଚନ୍ଦ୍ର ସୁଆଳ ସିଂ କହିଛନ୍ତି। ବିଦ୍ୟାଳୟରେ ପିଇବା ପାଣି ମିଳୁ ନ ଥିବା ବେଳେ ଛାତ୍ରୀଙ୍କ ପାଇଁ ଥିବା ପାଇଖାନା ଅଚଳ ହୋଇପଡ଼ିଛି। ଫଳରେ ଛାତ୍ରୀମାନେ ଶୌଚ ପାଇଁ ଖୋଲା ପଡ଼ିଆକୁ ଯିବାକୁ ବାଧ୍ୟ ହେଉଥିବା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରୁବା ପ୍ରଧାନ ଅଭିଯୋଗ କରିଛନ୍ତି। ଏ ନେଇ ପ୍ରଶାସନକୁ ଜଣାଇଲେ କୌଣସି ସୁଫଳ ମିଳୁ ନ ଥିବା କମିଟି ପକ୍ଷରୁ କୁହାଯାଇଛି । ରୋଷେଇ ଘର ଚଟାଣରୁ ସିମେଣ୍ଟ ଛାଡ଼ି ଖାଲଖମା ହୋଇଛି। ସେହିପରି ବର୍ଷା ପାଣି ଗଳୁଥିବାରୁ ମଧ୍ୟାହ୍ନ ଭୋଜନ ରାନ୍ଧିବା କଷ୍ଟକର ହୋଇପଡୁଛି। ପ୍ରାୟ ୨ଶହ ମିଟର ଦୂରରୁ ପାଣି ଆଣି ମଧ୍ୟାହ୍ନ ଭୋଜନ ରନ୍ଧାଯାଉଛି । ଶୀଘ୍ର ବିଦ୍ୟାଳୟର ଶ୍ରେଣୀ ଗୃହ, ରୋଷେଇ ଘର ମରାମତି, ଛାତ୍ରୀଙ୍କ ପାଇଁ ପାଇଖାନା ନିର୍ମାଣ କାର୍ଯ୍ୟ ସାରିବାକୁ ସାରିଙ୍ଗିଇର୍ପି ଗ୍ରାମବାସୀ ଦାବି କରିଛନ୍ତି। ଦାରିଙ୍ଗବାଡ଼ି ସରପଞ୍ଚ ରାଧାକାନ୍ତ ପ୍ରଧାନ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।



ଶ୍ରେଣୀ ଗୃହରେ ବର୍ଷାପାଣି ପଡ଼ି ଓଦା ହୋଇଛି।

# ଫସଲ ଅମଳର ୭ ମାସ ବିତିଲା, ମିଳୁନି ବୀମା ସହାୟତା

**ଶେରଗଡ,୨୪।୮(ଡି.ଏନ୍.ଏ.)**

ଫସଲ ଅମଳର ୭ ମାସ ବିତିଲାଣି, ହେଲେ ବୀମା କମ୍ପାନୀ କ୍ଷତିପୂରଣ ସହାୟତା ରାଶି ପ୍ରଦାନ କରୁ ନାହାନ୍ତି। ଏନେଇ ଶେରଗଡ ବ୍ଲକର ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି।

ପ୍ରକାଶ ଯେ, ଗତ ୨୦୧୭ ଡିସେମ୍ବରରୁ ଧାନ ଅମଳ ସରିଲାଣି । ରାଜସ୍ୱ ବିଭାଗ ୩୩ ପ୍ରତିଶତ କ୍ଷତି ହୋଇଥିବା କହି କେବେଠାରୁ ଖରଫି ଫସଲର ସହାୟତା ପ୍ରଦାନ କରିସାରିଲାଣି। ୨୦୧୮ ମସିହାର ରୁଆବେଉଷା କାମ ଅଧା ହେଲାଣି କିନ୍ତୁ ବୀମା ରାଶି ମିଳୁନାହିଁ। ବ୍ଲକର ୨୨ ପଞ୍ଚାୟତର ୧୭ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଏବେ ବୀମା ସହାୟତା ଅପେକ୍ଷାରେ। ବିଭିନ୍ନ ସମବାୟ ସମିତି ଓ ରାଷ୍ଟ୍ରାୟତ ବ୍ୟାଙ୍କ ମାନଙ୍କରୁ ଋଣ ନେଇଥିବା ଚାଷୀଙ୍କୁ ବୀମା ସହାୟତା ମିଳିଥିଲେ କିଛିମାତ୍ରରେ ସେମାନେ ଉପକୃତ ହୋଇଥାନ୍ତେ। ଅନ୍ୟପକ୍ଷରେ ରାଜସ୍ୱ, କୃଷି ଓ ସମବାୟ ବିଭାଗ ଅଧିକାଂଶ ସମୟରେ କ୍ଷୟକ୍ଷତି ନେଇ ଭିନ୍ନ ରିପୋର୍ଟ ପ୍ରକାଶ କରୁଛନ୍ତି। ଫଳରେ ଚାଷୀ ହଇରାଣ ହେଉଛନ୍ତି। ଏଣୁ ଫସଲ କଟା ସମୟରେ ବରିଷ୍ଠ ଚାଷୀ ମାନଙ୍କୁ ନେଇ କ୍ଷୟକ୍ଷତି ରିପୋର୍ଟ ଦିଆଯାଉ ବୋଲି ବଳରାମ ରାଉତ କହିଛନ୍ତି। ପ୍ରକାଶ ଥାଉକି ବ୍ଲକର ୮ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇଥିବା ବେଳେ ୨୬ଶହ୪୦ ହେକ୍ଟର ଜମିରେ କ୍ଷତି ହୋଇଛି ବୋଲି ରିପୋର୍ଟ ଦିଆଯାଇଥିଲା। ଏକ୍ଷେତ୍ରରେ ବୀମା କମ୍ପାନୀ ମାନଙ୍କ ଉପରେ ଚାପ ପକାଇ ତୁରନ୍ତ ଗତ ବର୍ଷର ଫସଲ ବୀମା ଚାଷୀ ମାନଙ୍କୁ ପ୍ରଦାନ କରାଯାଉ ବୋଲି ଚାଷୀ ପ୍ରତାପ ରୁଦ୍ର ତ୍ରିପାଠୀ, କାଳୁ ଜାନି ଓ ବହୁ ଚାଷୀ ଦାବି କରିଛନ୍ତି।

# ସରକାରୀ ସହାୟତା ଅପେକ୍ଷାରେ ସୁଷମା

**ଖଜୁରିପଡା,୨୪।୮(ଡି.ଏନ୍.ଏ.)**

ଖଜୁରିପଡା ବ୍ଲକ ବଲସକୁମ୍ପା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏକ କୁଡିଆ ଘରେ ରୁହନ୍ତି ବିଧବା ମହିଳା ସୁଷମା ନାଏକ (୭୫)। ୨୦ ବର୍ଷ ହେଲା ସ୍ୱାମୀ ଦୟାନିଧି ଆରପାରିକୁ ଚାଲିଗଲେଣି। ତାଙ୍କର ୨ ପୁଅ ଓ ୨ ଝିଅ। ୨ ପୁଅ ବିବାହ ପରେ ଅନ୍ୟତ୍ର ରହୁଛନ୍ତି। ମାତ୍ର ବଡ ଝିଅକୁ ବିବାହ କରିଥିଲେ ମଧ୍ୟ କିଛିଦିନ ପରେ ଜ୍ୱାଇଁଙ୍କ ମୃତ୍ୟୁ ପରେ ସେ ସୁଷମାଙ୍କ ପାଖରେ ରହୁଛନ୍ତି। ସାନଝିଅକୁ ୩୮ ବର୍ଷ ହୋଇଥିଲ ମଧ୍ୟ ବାହା ନ ହୋଇ ପାରି ଘରେ ରହିଛନ୍ତି। ଦିର୍ଘଦିନ ହେଲା ସୁଷମା ଭତ୍ତା ପାଇଁ ଆବେଦନ କରି ଜନପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କ ନିକଟକୁ ଦୌଡି ଦୌଡି ନୟାନ୍ତ ହେଲେଣି ହେଲେ ଭତ୍ତା ମିଳୁନାହିଁ। ଥିଲାବାଲାଙ୍କୁ ଘର ମିଳୁଥିଲେ ମଧ୍ୟ ସୁଷମାଙ୍କୁ ଆବାସ ଯୋଜନାରେ ଘର ଖଣ୍ଡେ ମିଳୁନାହିଁ। ଭଙ୍ଗା ଘରେ ୨ ଝିଅଙ୍କୁ ନେଇ ରହୁଛନ୍ତି ସୁଷମା। କେହି ହେଲେ ମୋ କଥା ଶୁଣୁନାହାନ୍ତି ବୋଲି କୋହଭରା କଣ୍ଠରେ କୁହନ୍ତି ସୁଷମା। ଏ ବୟସରେ ବି ମୁଁ ମୂଲଲାଗି ଚଳୁଛି। ସମାଜସେବୀ ବିଦୁର ବେହେରା ସୁଷମାଙ୍କ ଦୁଃଖ ଶୁଣି ତାଙ୍କୁ ଘର ଓ ଭତ୍ତା ଯୋଗାଇ ଦେବାକୁ ସରକାରଙ୍କ ନିକଟରେ ଦାବି ରଖିଛନ୍ତି। ଏନେଇ ବିଡିଓ ରବି ନାରାୟଣ ଜେନା କହିଛନ୍ତି ତୁରନ୍ତ ତଦନ୍ତ କରି ତାଙ୍କୁ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦିଆଯିବ।



ଘର ଆଗରେ ସୁଷମା ନାଏକ।

## ଭାଗବତ କଥାମୃତ ଜ୍ଞାନଯଜ୍ଞ ଉଦ୍‌ଘାଟିତ

**ଆସିକା,୨୪।୮(ଡି.ଏନ୍.ଏ.)–** ଆସିକା ସହର ଖମ୍ବେଶ୍ୱରୀପାଟଣାସ୍ଥିତ ଗୋପୀନାଥ ମନ୍ଦିରରେ ଝୁଲଣ ଯାତ୍ରା ଆରମ୍ଭ ହୋଇଛି। ୨୧ ତାରିଖରୁ ମନ୍ଦିର ପରିସରରେ ଶ୍ରୀମଦ ଭାଗବତ ଓ ଶ୍ରୀଜଗନ୍ନାଥ କଥାମୃତ ଜ୍ଞାନଯଜ୍ଞ ଆରମ୍ଭ ହୋଇଛି। ଏହା ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେହ ସନ୍ଧ୍ୟାରେ ଚାରଣ ଗୋଷ୍ଠୀ ପକ୍ଷରୁ ଡା. ପ୍ରଫୁଲ୍ଲ କୁମାର ମିଶ୍ର ଓ ପଣ୍ଡିତ ଦେବରାଜ ଦାସ ପ୍ରବଚନ ଦେଉଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଆସିକା ବିଧାୟକ ଦେବରାଜ ମହାନ୍ତି ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମନ୍ଦିର ପରିଚାଳନା କମିଟି ପକ୍ଷରୁ ବି. ଲିଙ୍ଗରାଜ ପାତ୍ର, ପ୍ରଫୁଲ୍ଲ ଚନ୍ଦ୍ର ପାଣିଗ୍ରାହୀ, ବିନୋଦ ବିହାରୀ ପାତ୍ର, ଭଗବାନ ମହାରଣା, ସୀମାଞ୍ଚଳ ରଥ, ବାବୁ ପାତ୍ର, ଲକ୍ଷ୍ମୀନାରାୟଣ ପାତ୍ର, ବଂଶୀଧର ନାହାକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

# 'ବନ୍ଦେ ମାତରମ୍'ରେ ଦେଶପ୍ରେମର ବାର୍ତ୍ତା

**ବ୍ରହ୍ମପୁର ଅଫିସ୍,୨୪।୮**

ସାଂସ୍କୃତିକ ପତ୍ରିକା 'ଅଭିନୟ ଜଗତ' ଏବଂ ଓଡ଼ିଶା ନାଟକ ସମାରୋହ ସମିତିର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ସନ୍ଧ୍ୟାରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ 'ବନ୍ଦେ ମାତରମ୍' ଅନୁଷ୍ଠିତ ହୋଇଯାଇଛି। ଟାଉନ୍ ହଲରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଏଡିଏମ ବିଜୟ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ବିକ୍ରମ କୁମାର ପଣ୍ଡା, ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା, ଏର୍‌ଡିଏଫ୍‌ସିର ପରିଚାଳକ ନୃସିଂହ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସମ୍ପାଦକ ମିହିର କୁମାର ତ୍ରିପାଠୀ ଏବଂ ପି. ସୁବାସ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୁଦୀପ ସାହୁ, ଦିଲୀପ ସାହୁ, ସୁବାସ ପାତ୍ର, ଅଶ୍ୱିନୀ ମହାପାତ୍ର, ନବ କିଶୋର ମହାପାତ୍ର, ବିଦିଶା ପାତ୍ର, ଅନୁରାଧା ସାହ ପ୍ରମୁଖ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରିଥିଲେ । ଅନ୍ୱେଷା କଳାକେନ୍ଦ୍ର, ପଲ୍ଲବୀ ନୃତ୍ୟ ଅନୁଷ୍ଠାନ, ଆର୍ଯ୍ୟନ ଡ୍ୟାନ୍ସ ଏକାଡ଼େମି, ନୂପୁର ପ୍ରମୁଖ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଦେଶାତ୍ମବୋଧକ ନୃତ୍ୟ ପରିବେଷଣ କରିଥିଲେ । ଏହି ଅବସରରେ ଡ. ମିହିର କୁମାର ତ୍ରିପାଠୀଙ୍କ ଲିଖିତ ପୁସ୍ତକ, ନାଟ୍ୟକାର ରଘୁନାଥ ମିଶ୍ର ଉନ୍ମୋଚିତ ହୋଇଥିଲା । ଉପଦେଷ୍ଟା ଅଣ୍ଡଳୀରୁ ଜଗନମୋହନ ମହାପାତ୍ର, ଅଶୋକ କୁମାର ବ୍ରହ୍ମା, ସଚ୍ଚିନ୍ଦ୍ର ମାଝି ପ୍ରମୁଖ ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ। ନାଟକ ସମାରୋହ ସମିତିର ସଭାପତି ଅନିଲ କୁମାର ପାତ୍ର, ଅଭିନୟ ଜଗତର ରବୀନ୍ଦ୍ର କୁମାର ନାୟକ, ଉଷାରାଣୀ ମହାପାତ୍ର, ଭବାନୀ ଶଙ୍କର ମିଶ୍ର, କୈଳାସ ପାଣିଗ୍ରାହୀ, ଟି. ଆପା ରାଓ, ତ୍ରିପତି ନାୟକ, ଇଂ. ମନୋଜ ଦଣ୍ଡପାଟ, ସଂକର୍ଷଣ ସାବତ, ଆରତି ପାତ୍ର, ଗୀତାଞ୍ଜଳୀ ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ସଚ୍ଚି ସାରେଗାମା ଏବଂ କଣ୍ଠଶିଳ୍ପୀ ବିଦିଶା ପାତ୍ରଙ୍କୁ ଅଭିନୟ ଜଗତ ସମ୍ମାନ ପ୍ରଦାନ କରାଯାଇଥିଲା ।

# କେରଳ ବନ୍ୟାବିପନ୍ନଙ୍କୁ ସାହାଯ୍ୟ ପାଇଁ ଶୋଭାଯାତ୍ରା

**ସୋରଡ଼ା,୨୪।୮(ଡି.ଏନ୍.ଏ.)**

କେରଳ ବନ୍ୟାପୀଡ଼ିତଙ୍କୁ ସାହାଯ୍ୟ ପାଇଁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଗୁରୁବାର ସମର୍ଥକମାନେ ନଗର ପରିକ୍ରମା କରି ସାହାଯ୍ୟ ମାଗିଛନ୍ତି। ଜିଲା ସମ୍ପାଦକ ମଣ୍ଡଳୀର ହରିକୃଷ୍ଣ ରେଡ୍ଡୀ, ବାସୁଦେବ ଗୌଡ଼, ବିରୁପ୍ରସାଦ ପାଣିଗ୍ରାହୀ, ନୀଳମଣି ଗୁରୁ, ସତ୍ୟମଣ୍ଡଳ ସମେତ ବହୁ କର୍ମି ସାମିଲ ଥିଲେ। ସେହିପରି ଦକ୍ଷିଣେଶ୍ୱର ଖଲାସୀ ସଂଘ ପକ୍ଷରୁ ସଭାପତି ମନୁ ମହାନ୍ତି, ଋଷିକୁଲ୍ୟା କନିଷ୍ଠ କଲେଜ ଅଧ୍ୟକ୍ଷ ଅନିଲ କୁମାର ଦାଶଙ୍କ ସମେତ ଭଗବାନ ସାହୁ, ନିଖୁ ପଟ୍ଟନାୟକ, ରବି ପଟ୍ଟନାୟକ, ଜଗା ପାଟ୍ଟଯୋଶୀ, କାହ୍ନୁ ସାହୁ, ଗୋପାଳ ପଟ୍ଟନାୟକ, ତୋଫାନ୍ ପଣ୍ଡା, କୃଷ୍ଣ ପଣ୍ଡା, ଆଶିଷ ପାଢ଼ୀ, ଦୀପୁନ୍ ପରିଛା, ଅଜିତ୍ ଦାସ, ପଞ୍ଚୁ ସେଠୀ, ଅଶୋକ ନାୟକ, ପ୍ରଶ୍ନ ସେଠୀ, ବିଭୁତି ପାଟ୍ଟଯୋଗୀ, ବିରୂପାକ୍ଷ ଦାସ, ସଞ୍ଜୟ ପଣ୍ଡା, ମନୋଜ ପଣ୍ଡା, ଓ ସଞ୍ଜୟ ସାହୁ, ଫାର୍ମାସିଷ୍ଟ ସୁନୀଲ ସାମନ୍ତରାୟ, ବିରଞ୍ଚିପାଢ଼ୀ, ଦୀପକ ଗୌଡ଼, ସୁନୀଲ ଦୋରା, ବାଇଧର ସ୍ୱାଇଁ, ରାଜନୀକାନ୍ତ ପଟ୍ଟନାୟକ ପ୍ରମୁଖ ଅନ୍‌ଲାଇନ୍‌ରେ ଅର୍ଥ ପ୍ରଦାନ କରିଛନ୍ତି।

# ୪୦୧ ମହିଳାଙ୍କ କୁଙ୍କୁମାର୍ଚ୍ଚନା

**ବ୍ରହ୍ମପୁର ଅଫିସ୍,୨୪।୮ –** ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ବରଲକ୍ଷ୍ମୀ ଓ ମହାଦେବଙ୍କ ପୀଠରେ ଶୁକ୍ରବାର ସନ୍ଧ୍ୟାରେ ଶିବାର୍ଚ୍ଚନା ପୂଜା ହୋଇଯାଇଥିଲା। ଚତୁର୍ଦ୍ଦଶୀ ବେଢ଼ା ଦେବାଙ୍ଗ ଭକ୍ତଙ୍କ ତରଫରୁ ଏହା ପରିଚାଳିତ ହୋଇଥିଲା। ପୂର୍ବାହ୍ନ ୧୦ଟାରେ ୪୦୧ ମହିଳା ବରଲକ୍ଷ୍ମୀ ପୂଜାରେ ବସି ଆଦିମାତା ମହାଲକ୍ଷ୍ମୀର କୁଙ୍କୁମାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ନୀଳକଣ୍ଠେଶ୍ୱର ମହାଦେବଙ୍କ ପୀଠରେ ୫୪ ଭକ୍ତ ଏକାଠି ବସି ଶିବାର୍ଚ୍ଚନା କରିଥିଲେ । ସମାଜରେ ଶାନ୍ତି ପ୍ରତିଷ୍ଠା ଓ ବିଶ୍ୱର ମଙ୍ଗଳ ପାଇଁ ଏହି ପୂଜା ଆୟୋଜିତ ହେଉଛି ବୋଲି ଦେବାଙ୍ଗ ବେଢ଼ା କମିଟି ସଭାପତି ଏ. ଜଗଦିଶ କହିଛନ୍ତି । ସମ୍ପାଦକ ଜି. ସତ୍ୟନାରାୟଣ ଓ ଅନ୍ୟାନ୍ୟ ସଭ୍ୟ ଏହାକୁ ପରିଚାଳନାରେ ସହଯୋଗ କରିଥିଲେ ।



ମହିଳାମାନେ କୁଙ୍କମାର୍ଚ୍ଚନା ପୂଜା କରୁଛନ୍ତି ।

# ୱାର୍ଡମେମ୍ବର ସଂଘ କର୍ମକର୍ତ୍ତା ଚୟନ

**ଦାରିଙ୍ଗବାଡ଼ି,୨୪।୮(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକର ୨୫ ପଞ୍ଚାୟତର ୱାର୍ଡମେମ୍ବରମାନଙ୍କୁ ନେଇ ଗଠିତ ସଂଘର ଏକ ବୈଠକ ଶୁକ୍ରବାର ବିଜୁପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ସଂଘର ସଭାପତି ଅରୁଣ କୁମାର ଭୋଇ ସଭାପତିତ୍ୱ କରିଥିବା ବେଳେ ଜିଲା କାର୍ଯ୍ୟକାରୀ ସଭାପତି ପ୍ରତାପ କେଶରୀ ବେହେରା ଉପସ୍ଥିତ ଥିଲେ। ଅଞ୍ଚଳର ବିକାଶ ପାଇଁ ସଂଗଠନର ଆବଶ୍ୟକତା ରହିଥିବା ଜିଲା ସଭାପତି ଭୋଇ କହିଥିଲେ। ୨୦୧୯ରେ ନିର୍ବାଚନ ହେବ। ଏଣୁ ସମସ୍ତ ସଭ୍ୟ ନିଜ ଅଞ୍ଚଳର ବିକାଶ ପାଇଁ ଯେଉଁମାନେ ପ୍ରତିନିଧିତ୍ୱ କରିବେ ସେମାନଙ୍କୁ ନିର୍ବାଚିତ କରାଯିବ ବୋଲି ଆଲୋଚନା କରାଯାଇଥିଲା। ବୈଠକରେ ସଂଗଠନର ଉଦ୍ଦେଶ୍ୟ ଏବଂ ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ ନୂତନ କମିଟି ଗଠନ ପାଇଁ ପ୍ରସ୍ତାବ ଆସିଥିଲା। ବ୍ଲକ ସଂଗଠନର ସଭାପତି ଭାବେ ପ୍ଲିହେରିର ଯଶୱନ୍ତ ପ୍ରଧାନଙ୍କୁ ଚୟନ କରାଯାଇଥିଲା। ସେହିପରି କାର୍ଯ୍ୟକାରୀ ସଭାପତି ଭାବେ ଦାସିଂବାଡ଼ିର ମିନୁରା ପ୍ରଧାନ, ଉପସଭାପତି ଦାରିଙ୍ଗବାଡ଼ିର ଗୋଲକ ମଲ୍ଲିକ,ତିଲୋରିର ଉର୍ବଶୀ କହଁର, ସମ୍ପାଦକ ଭାବେ ଦାରିଙ୍ଗବାଡ଼ିର ପ୍ରଭାତ ପ୍ରଧାନ, ସହସମ୍ପାଦକ ଭାବେ ସିକରମାହାର ଏ.କୈଳାଶ ପ୍ରଧାନ ଏବଂ ପ୍ଲିହେରିର ରବି ଚନ୍ଦ୍ର ପ୍ରଧାନଙ୍କୁ ଚୟନ କରାଯାଇଛି।



ୱାର୍ଡ ମେମ୍ବର ସଂଘର ନୂତନ କର୍ମକର୍ତ୍ତା।

# ଶଙ୍କରାଖୋଲ ପଞ୍ଚାୟତ: ୪ ଗାଁକୁ ମିଳିନି ବିଜୁଳି

**ଶଙ୍କରାଖୋଲ,୨୪।୮(ଡି.ଏନ.ଏ.)**

ସ୍ୱାଧୀନତାର ୭୨ ବର୍ଷ ବିତିଯାଇଥିଲେ ମଧ୍ୟ କେନ୍ଦ୍ର ସରକାର ହେଉ ଅବା ରାଜ୍ୟ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ବିପିଏଲ ପରିବାରକୁ ବିଜୁଳି ଆଲୁଅ ଯୋଗାଇ ଦିଆଯିବ କହି ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବରେ କନ୍ଧମାଳ ଜିଲା ଚକାପାଦ ବ୍ଲକ ଶଙ୍କରାଖୋଲ ପଞ୍ଚାୟତର ୪ଟି ଗ୍ରାମରେ ଆଜି ପର୍ଯ୍ୟନ୍ତ ବିଜୁଳି ପହଞ୍ଚି ପାରିନଥିବାରୁ ଗ୍ରାମବାସୀ ନାହିଁ ନଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପୂର୍ବରୁ ଥିବା କେନ୍ଦ୍ରରେ ଉପା ସରକାର ସମୟରେ ରାଜୀବ ଜ୍ୟୋତି, ରାଜ୍ୟ ସରକାରଙ୍କ ବିଜୁ ଜ୍ୟୋତି ଓ ବର୍ତ୍ତମାନର କେନ୍ଦ୍ର ସରକାର ସବୁ ଗ୍ରାମକୁ ଦୀନଦୟାଲ ଉପାଧ୍ୟାୟ ବିଦ୍ୟୁତକରଣ ଯୋଜନାରେ ବିପିଏଲ ପରିବାରକୁ ସାମିଲ କରାଯାଇ ବିଜୁଳି ସଂଯୋଗ ଦିଆଯିବ ବୋଲି କୁହାଯାଇଛି । କିନ୍ତୁ ବାସ୍ତବରେ ଶଙ୍କରାଖୋଲ ପଞ୍ଚାୟତର ଚାରିଗାଁ ଯଥା ଲାମ୍ବାରଖୋଲ ଗ୍ରାମର ପୁରୁଣା ସାହି ୨୦ ପରିବାର, ଗୁଡ୍ରିଗାଁ ନୂଆ ସାହିର ୨୦ ପରିବାର, ଡପଡିଙ୍ଗିଆ ଗ୍ରାମର ତଳସାହି ଓ ଉପର ସାହି ୧୩ ପରିବାର ଓ ଶଙ୍କରାଖୋଲ ଗ୍ରାମର ଶୁଣ୍ଡି ସାହିର ୬୦ ପରିବାର ଓ ସୁଦ ସାହିର ପ୍ରାୟ ୧୦୦ ପରିବାର ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇ ନ ଥିବାରୁ ବିଜୁଳି ଆଲୁଅରୁ ବଞ୍ଚିତ ହୋଇଛନ୍ତି। ବିଜୁଳି ଆଲୁଅ ଆସିଲେ ଘର ଗାଁ ଆଲୋକିତ ହେବ । ପିଲାମାନେ ଡିବି ଆଲୁଅ ପରିବର୍ତ୍ତେ ବିଜୁଳି ଆଲୁଅରେ ପାଠ ପଢି ଉଚ୍ଚ ଶିକ୍ଷିତ ହେବେ । ଟିଭି ମାଧ୍ୟମରେ ଦେଶ ବିଦେଶର ଖୁବ୍ ଶୀଘ୍ର ଖବର ଜାଣିପାରିବେ ଏବଂ ଖରାଦିନେ ଅସହ୍ୟ ଗରମ ଗୁଳୁଗୁଳିରୁ ରକ୍ଷା ପାଇବେ ନେଇ ଆଶା ବାନ୍ଧିଥିଲେ ମଧ୍ୟ ତାହା ଆଶାରେ ହିଁ ରହିଯାଇଛି । ଉକ୍ତ ସମସ୍ୟା ନେଇ ଉକ୍ତ ଗ୍ରାମର ବିପିଏଲ ପରିବାର ପଞ୍ଚାୟତ ମାସିକ ବୈଠକ ଠାରୁ ଆରମ୍ଭ କରି ବ୍ଲକ ଏବଂ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିଲେ ମଧ୍ୟ କିଛି ବି ସୁଫଳ ମିଳି ନଥିବା ନେଇ ସର୍ବେଶ୍ୱର କହଁର, ଗୋବିନ୍ଦ ଅମାତ୍ୟ, ସରୋଜ ବେହେରା, ବାବୁଲା ପ୍ରଧାନ, ୱାଡସଭ୍ୟ ସୁରେସନ ମଳିକ, ଗୋକୁଳ କହଁର, କେଦାର କହଁର, ୱାଡ ସଭ୍ୟା ସାବିତ୍ରୀ କହଁର ଆଜି ଅଭିଯୋଗ କରିଛନ୍ତି । ଏହା ପରେ କେନ୍ଦ୍ରୀୟ ପ୍ରତିନିଧି ଦଳ ପହଞ୍ଚି ବିଦ୍ୟୁତ ସଂଯୋଗ ହୋଇଛି କି ନାହିଁ ବୋଲି ପଚାରି ବୁଝିଥିଲେ । କିନ୍ତୁ ଉକ୍ତ ଗ୍ରାମବାସୀ ବିଦ୍ୟୁତ ସଂଯୋଗ ହୋଇନି ବୋଲି କହିଥିଲେ । ଅଗଷ୍ଟ ୧୪ ତାରିଖ ଯଥା ସୁଦ୍ଧା ସଂଯୋଗ ହେବ ବୋଲି କହିଥିଲେ ମଧ୍ୟ ବିଦ୍ୟୁତ ସଂଯୋଗ ହୋଇ ପାରି ନ ଥିବା ନେଇ ପରିବାର ଲୋକେ କହିଛନ୍ତି।

ଆଗାମୀ ଦିନରେ ଯଥାଶୀଘ୍ର ବିଦ୍ୟୁତ ସଂଯୋଗ ଉକ୍ତ ପରିବାରକୁ ଦିଆ ନ ଗଲେ ଚାରି ଗାଁର ବିପିଏଲ ପରିବାର ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଏନେଇ ଟିକାବାଲି ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ନେତାଜୀ ସୁବୁଦ୍ଧିଙ୍କୁ ଯୋଗାଯୋଗ କରିବାରୁ ଉକ୍ତ ଗ୍ରାମମାନଙ୍କରେ ବିଦ୍ୟୁତ ସଂଯୋଗ ପାଇଁ ଟେଣ୍ଡର ହୋଇସାରିଛି । ଏନଟିପିସି ତାର କାର୍ଯ୍ୟ ସାରି ଆମକୁ ହସ୍ତାନ୍ତର କଲେ ଆମେ କେବଳ ବିଦ୍ୟୁତ ସଂଯୋଗ କରିବୁ ବୋଲି କହିଥିଲେ। ସେହିପରି ଏନଟିପିସିର ଡିଜିଏମ୍ବସନ୍ତ ବେହେରାଙ୍କୁ ଯୋଗାଯୋଗ କରିବାରୁ ଉକ୍ତ ଗ୍ରାମଗୁଡିକରେ ୟୁନେଟେଡ ଇଲେକ୍ଟ୍ରିକାଲ ପ୍ରାଇଭେଟ ଲିମିଟେଡ ତା'ର ଟେଣ୍ଡର ନେଇଛି। ଏନଟିପିସି ପକ୍ଷରୁ କାର୍ଯ୍ୟ ତଦାରଖ କରାଯାଉଛି। ଦୁଇରୁ ତିନି ସପ୍ତାହ ମଧ୍ୟରେ ବିଦ୍ୟୁତ ଖୁଣ୍ଟ ପୋତାଯାଇ ବିଦ୍ୟୁତ ସଂଯୋଗ କରାଯିବ ବୋଲି କହିଥିଲେ।



ବିଦ୍ୟୁତ୍ ଯାଇ ନ ଥିବା ଗାଁ।

## ସଂକ୍ଷେପରେ

### ସ୍ୱରୂପା ଜିଲା ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାନେତ୍ରୀ



ବ୍ରହ୍ମପୁର ଅଫିସ୍,୨୪।୮: ଗଞ୍ଜାମ ଜିଲା ମହିଳା କଂଗ୍ରେସର କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ସ୍ୱରୂପା ତ୍ରିପାଠୀଙ୍କ ନାମ ଘୋଷଣା କରାଯାଇଛି । ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ସସ୍ମିତା ବେହେରା ଏହି ଘୋଷଣା କରିଛନ୍ତି । ସ୍ୱରୂପା ଜଣେ ଆଇନ୍‌ଜୀବୀ। ଲୋକଙ୍କ ସେବା କରିବା ପାଇଁ ଆଇନ ପେସା ଏବଂ କଂଗ୍ରେସର ନୂତନ ଦାୟିତ୍ୱ ସହାୟକ ହେବ ବୋଲି ସେ ପ୍ରକାଶ କରିଛନ୍ତି । ଦଳକୁ ସୁଦୃଢ଼ କରିବା ସହ ମହିଳାଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସ୍ୱର ଉତ୍ତୋଳନ କରିବେ ବୋଲି ସ୍ୱରୂପା କହିଛନ୍ତି ।

### ଆନ୍ତଃ କଲେଜ ବାସ୍କେଟବଲ୍ ଟୁର୍ଣ୍ଣାମେଣ୍ଟ
### ଫାଇନାଲରେ ସିଟି କଲେଜ, ରାୟଗଡ଼ା

ବ୍ରହ୍ମପୁର ଅଫିସ, ୨୪।୮:ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ଆୟୋଜିତ ଆନ୍ତଃକଲେଜ ବାସ୍କେଟବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦଘାଟିତ ହୋଇଛି। ଆଙ୍କୁଶପୁର ଏସଏମଆଇଟି କଲେଜ ପରିସରରେ ଏହି ଟର୍ଣ୍ଣାମେଣ୍ଟକୁ ଅନୁଷ୍ଠାନର ସଭାପତି ଡ. ଭଗବାନ ଗନ୍ତାୟତ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ପ୍ରଥମ ଦିନ ଦୁଇଟି ମ୍ୟାଚ ହୋଇଥିବା ବେଳେ ଶୁକ୍ରବାର ୩ଟି ମ୍ୟାଚ ହୋଇଛି। ବେଦବ୍ୟାସ କଲେଜ ଓ ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ ମଧରେ ଖେଳାଯାଇଥିବା ପ୍ରଥମ ମ୍ୟାଚରେ ରାୟଗଡା କଲେଜ ୨୫-୨୧ ପଏଣ୍ଟରେ ବେଦବ୍ୟାସ କଲେଜକୁ ପରାସ୍ତ କରିଥିଲା । ସେହିପରି ଦ୍ୱିତୀୟ ମ୍ୟାଚରେ ବ୍ରହ୍ମପୁର ସିଟି କଲେଜ ୪୨-୨୩ ପଏଣ୍ଟରେ ରାମନାରାୟଣ ଡୁରା କଲେଜକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ତୃତୀୟ ମ୍ୟାଚରେ ଦିଶା କଲେଜକୁ ରାୟଗଡା କଲେଜ ୫୧-୪୫ ପଏଣ୍ଟରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା । ଟୁର୍ଣ୍ଣାମେଣ୍ଟକୁ ରାଜ ନାରାୟଣ ପାତ୍ର, କାଳୀ ପ୍ରସାଦ ରଥ , ବିପ୍ର ଚରଣ ପାଢ଼ୀ, ସୁଧୀର କୁମାର ବିଶ୍ୱାଳ, ଭି. ନାରାୟଣ ରାଓ, ସୁଧୀର କୁମାର ପରିଡା, ପ୍ରଦୀପ କୁମାର ପରିଡା, କାଜଲ କୁମାର ସାହୁ ପ୍ରମୁଖ ଅଫିସିଆଲ ଭାବେ ଯୋଗ ଦେଇ ପରିଚାଳନା କରିଥିଲେ। ଶନିବାର ସିଟି କଲେଜ ଓ ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ ମଧରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

### ହତ୍ୟା ମାମଲା, ଦୁଇବନ୍ଧୁ ନିର୍ଦ୍ଦୋଷରେ ଖଲାସ

ବ୍ରହ୍ମପୁର ଅଫିସ,୨୪।୮: ଏକ ହତ୍ୟା ମାମଲାର ବିଚାର କରି ଜିଲା ଜଜ୍ ବିଭୁପ୍ରସାଦ ରାଉତରାୟ ପ୍ରମାଣ ଅଭାବରୁ ଦୁଇ ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସେମାନେ ହେଲେ ଦୁଇ ବନ୍ଧୁ ବୁଲୁ ପ୍ରଧାନ ଓ ସନ୍ତୋଷ ପ୍ରଧାନ। ପ୍ରକାଶ ଯେ, ଗୋଳନ୍ଥରା ଥାନା ପଲ୍ଲୀ ଅଞ୍ଚଳର ଶଙ୍କର ପ୍ରଧାନ, ବୁଲୁ ପ୍ରଧାନ ଓ ସନ୍ତୋଷ ପ୍ରଧାନ ଏକାଠି ରହୁଥିଲେ। ୨୦୧୨ ଜାନୁୟାରୀ ୧୭ ତାରିଖରେ ଗୋଳନ୍ଥରା ନିକଟ ରେଳଧାରଣାରୁ ଶଙ୍କରଙ୍କ ମୃତଦେହ ମିଳିଥିଲା । ସେ ସମସୟରେ ଜିଆରପି ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା । ୬ ମାସ ପରେ ଅର୍ଥାତ ୨୦୧୨ ଜୁଲାଇ ୨୨ ତାରିଖରେ ମୃତ ଶଙ୍କରଙ୍କ ବାପା ଦୁର୍ଯୋଧନ ପୁଅକୁ ହତ୍ୟା କରାଯାଇଥିବା ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ । ଶଙ୍କରଙ୍କୁ ଦୁଇ ସାଙ୍ଗ ବୁଲୁ ଓ ସନ୍ତୋଷ ହତ୍ୟା କରିଛନ୍ତି ବୋଲି ଦର୍ଶାଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ଦୁଇ ସାଙ୍ଗଙ୍କୁ ଗିରଫ କରିଥିଲା । ଏହି ମାମଲାର ବିଚାର ଜିଲା କୋର୍ଟରେ ଚାଲିଥିଲା। ମୋଟ ୨୯ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଦୁଇ ସାଙ୍ଗଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଅଭିଯୁକ୍ତଙ୍କ ପକ୍ଷରୁ କିଶୋର ବିଷୋୟୀ, ବିରେନ ଚୌଧୁରୀ ଓ ନିର୍ମଳ ସାହୁ ମାମଲା ପରିଚାଳନା କରୁଥିଲେ ।

### ବ୍ୟକ୍ତିଙ୍କ ଆତ୍ମହତ୍ୟା

ବ୍ରହ୍ମପୁର ଅଫିସ,୨୪।୮: ଗୋଷାଣୀ ନୂଆଗାଁ ଥାନାସ୍ଥିତ ନେହେରୁନଗର ପଞ୍ଚମ ଗଳିରେ ରହୁଥିବା ବିଜୟ କୁମାର ପାତ୍ର ଶୁକ୍ରବାର ଫ୍ୟାନରେ ରସି ଲଗାଇ ଆତ୍ମହତ୍ୟା କରିଛନ୍ତି । ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୪/୧୮) ରୁଜୁ କରାଯାଇଛି । ବିଜୟ କିଛି ଦିନ ହେଲା ପରିବାରର ଅସୁବିଧାକୁ ନେଇ ଚିନ୍ତାଗ୍ରସ୍ତ ରହୁଥିଲେ। ଘରେ କେହି ନ ଥିବା ବେଳେ ସେ ଆତ୍ମହତ୍ୟା କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଜିଲା ବିକାଶ ମଞ୍ଚର ଦାବିପତ୍ର

ବ୍ରହ୍ମପୁର ଅଫିସ୍,୨୪।୮



ମଞ୍ଚର ସଦସ୍ୟମାନେ ଦାବିପତ୍ର ପ୍ରଦାନ କରିବାକୁ ଯାଉଛନ୍ତି ।

ଗଞ୍ଜାମ ଜିଲାକୁ ସରକାର ଅବହେଳା କରୁଛନ୍ତି ବୋଲି ଜିଲା ବିକାଶ ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ଜିଲାର ବିଭିନ୍ନ ସମସ୍ୟା ସମାଧାନ ଏବଂ ଦାବିକୁ ନେଇ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କୁ ଉଦ୍ଦେଶ୍ୟରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।

ମଞ୍ଚ ପକ୍ଷରୁ କୁହାଯାଇଛି ଯେ, ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍‌କୁ ସବୁଦିନିଆ ବିମାନ ଚଳାଚଳ ପାଇଁ ଦୀର୍ଘ ବର୍ଷ ହେଲା ଦାବି ହେଉଥିଲେ ମଧ ସରକାର କର୍ଣ୍ଣପାତ କରୁନାହାନ୍ତି। କେନ୍ଦ୍ର ସରକାରଙ୍କ ଉଡାନ୍ ଯୋଜନାରେ ସାମିଲ୍ କରାଗଲା ନାହିଁ । ତେଣୁ ଦିଲ୍ଲୀ, ମୁମ୍ବାଇ, କଲିକତା, ହାଇଦ୍ରାବାଦ୍ ଏବଂ ମାଡ୍ରାସ୍ ମଧରେ ଏହି ବିମାନ ବନ୍ଦରକୁ ଏକ ହଲ୍ଟିଂ ପଏଣ୍ଟ ରୂପେ ବିକଶିତ କରାଯାଉ। ଗୋପାଳପୁର ବନ୍ଦର ସର୍ବପୁରାତନ ହୋଇଥିଲେ ମଧ ରାଜନୈତିକ ଆକ୍ରୋଶରେ ଅବହେଳିତ ହୋଇପଡ଼ିଛି । ଏଠାରୁ ସମୁଦ୍ର ମାଛ ସହ ଚିଲିକା କଙ୍କଡ଼ା, ଶୁଖୁଆ ଦେଶର ବିଭିନ୍ନ ସ୍ଥାନକୁ ରପ୍ତାନି ହେଉଛି । କୋରାପୁଟର ବନ୍ୟଜାତ ଦ୍ରବ୍ୟ, ବୌଦ୍ଧ ଏବଂ କନ୍ଧମାଳର ହଳଦୀ ମଧ ବିଦେଶକୁ ରପ୍ତାନି କରାଯାଉଛି। ବ୍ରହ୍ମପୁର ପାମ୍ପଡ଼ର ମଧ ଚାହିଦା ରହିଛି । ଏ ସବୁ ଦ୍ରବ୍ୟ ସହ ପର୍ଯ୍ୟାପ୍ତ ବିରଳ ମୃତ୍ତିକା ବିଶାଖାପାଟଣା ବନ୍ଦର ଦେଇ ରପ୍ତାନି କରାଯାଉଛି। ଏହି କାରଣରୁ ଗୋପାଳପୁର ବନ୍ଦରର ଉନ୍ନତୀକରଣ ଆବଶ୍ୟକ ହୋଇପଡିଛି। ବ୍ରହ୍ମପୁରଠାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଦୀର୍ଘ ବର୍ଷ ହେଲା ଦାବି ହେଉଥିଲେ ମଧ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ବ୍ରହ୍ମପୁର ମହାନଗର ନିଗମରେ ପଞ୍ଚାୟତଗୁଡ଼ିକୁ ସାମିଲ୍ କରି ବୃହତ ମହାନଗର ନିଗମ ଗଠନ ପାଇଁ ଯୋଜନା ରହିଛି । ବ୍ରହ୍ମପୁରକୁ ମହାନଗର ନିଗମ ଘୋଷଣା ସମୟରେ ଏହା କାର୍ଯ୍ୟକାରୀ କରାଯିବ ବୋଲି ସରକାର କହିଥିଲେ। ହେଲେ ସରକାର ଏ ଦିଗରେ ଆନ୍ତରିକତା ଦେଖାଉନାହାନ୍ତି । କମିଶନରେଟ୍ ପୋଲିସ ବ୍ୟବସ୍ଥା ପାଇଁ

**ଗଞ୍ଜାମ ଜିଲାକୁ ଅବହେଳା**

କେବଳ ଭାଷଣ ଦିଆଯାଉଛି । ତାହା ଫଳପ୍ରଦ ହେଉନି । ବ୍ରହ୍ମପୁର ବଡ଼ ମେଡ଼ିକାଲ୍‌ରେ କେବଳ କୋଠା ରହିଛି । ଡାକ୍ତର କିମ୍ବା ଆବଶ୍ୟକ ଅନ୍ୟ କର୍ମଚାରୀ ନାହାନ୍ତି । ଯଦ୍ୱାରା ଭୁବନେଶ୍ୱର କିମ୍ବା ବିଶାଖାପାଟଣା ଉପରେ ନିର୍ଭର କରିବାକୁ ପଡୁଛି । ଟ୍ରମା ସେଣ୍ଟର ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇନାହିଁ । ବ୍ରହ୍ମପୁର ମହାନଗରର ସମସ୍ତ ଅଞ୍ଚଳକୁ ପାନୀୟ ଜଳ ଯୋଗାଣ, ଜାନବିଲି ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକ୍ଷମ, ବ୍ରହ୍ମପୁର ସହରର ମାଷ୍ଟର୍ ପ୍ଲାନ୍ ପ୍ରସ୍ତୁତ ସହ ରିଙ୍ଗ ରୋଡ଼ ନିର୍ମାଣ, ଓଡ଼ିଆ ବିଶ୍ୱ ବିଦ୍ୟାଳୟକୁ ଗଞ୍ଜାମ ଜିଲାରେ ପ୍ରତିଷ୍ଠା କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଛତ୍ରପୁରରେ ରହିଥିବା ଯୋଗୁ ବ୍ରହ୍ମପୁର ଲୋକେ ହଇରାଣ ହେଉଛନ୍ତି । ତେଣୁ ବ୍ରହ୍ମପୁରଠାରେ ଏକ ଶାଖା କାର୍ଯ୍ୟାଳୟ ଖୋଲିବା ଏବଂ ଅତିରିକ୍ତ ଜିଲାପାଳଙ୍କ ଏକ ଶାଖା କାର୍ଯ୍ୟାଳୟ ବ୍ରହ୍ମପୁରରେ ଖୋଲିବା ପାଇଁ ଦାବି କରାଯାଇଛି। ସେହିପରି ଜିଲାରେ ଶିକ୍ଷକ ନିଯୁକ୍ତି ସହ ଶିକ୍ଷା ଭିତ୍ତିଭୂମିକୁ ସଜାଡ଼ିବା ପ୍ରତି ସରକାର ଦୃଷ୍ଟି ଦିଅନ୍ତୁ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ଦାବିପତ୍ର ପ୍ରଦାନ ବେଳେ ମଞ୍ଚର ସଭାପତି ରାଜେନ୍ଦ୍ର ପଣ୍ଡା, ସାଧାରଣ ସମ୍ପାଦକ ବାଳକୃଷ୍ଣ ପୋଲାଇ, ମୁଖ୍ୟ ସଂଯୋଜକ ଶିବ ପ୍ରସାଦ ମିଶ୍ରଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

### ■ ଦେଶ ଗଠନରେ ବରିଷ୍ଠ ନାଗରିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ
# ୫୧୬ ବରିଷ୍ଠଙ୍କୁ ମିଳିଲା ପ୍ରମାଣପତ୍ର


ଜଣେ ବରିଷ୍ଠ ନାଗରିକଙ୍କୁ ପ୍ରମାଣପତ୍ର ଦେଉଛନ୍ତି ଡିଆଇଜି।

ବ୍ରହ୍ମପୁର ଅଫିସ,୨୪।୮

ଦେଶ ଗଠନରେ ବରିଷ୍ଠ ନାଗରିକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ପିଢି ଘରର ବରିଷ୍ଠମାନଙ୍କୁ ସମୟ ଦେଉନହାନ୍ତି । ନିଜ କାମରେ ବ୍ୟସ୍ତ ରହି ସେମାନଙ୍କ କଥା ଭୁଲି ଯାଉଛନ୍ତି । ଶୁକ୍ରବାର ସ୍ଥାନୀୟ ଡାଇମଣ୍ଡ ଜୁବିଲି ଟାଉନହଲଠାରେ ବରିଷ୍ଠ ନାଗରିକମାନଙ୍କୁ ପୋଲିସ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦକ୍ଷିଣ ଓ ପଶ୍ଚିମାଞ୍ଚଳ ଡିଆଇଜି ଆଶିଷ କୁମାର ସିଂ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଯୋଗଦେଇ କହିଥିଲେ ଯେ, ଅନେକ ସ୍ଥାନରେ ବରିଷ୍ଠ ନାଗରିକମାନଙ୍କୁ ଠିକ୍ ଭାବେ ସୁରକ୍ଷା ଓ ସେମାନଙ୍କ ଅଧିକାର ମିଳୁନାହିଁ। ତେଣୁ ସେମାନଙ୍କ ସୁରକ୍ଷା ଦାୟିତ୍ୱ ବର୍ତ୍ତମାନ ରାଜ୍ୟ ସରକାର ଓ ପୋଲିସ ନେବ। ଏହି ଅବସରରେ ବ୍ରହ୍ମପୁର ପୋଲିସ ଜିଲାରେ ପ୍ରଥମ ପର୍ଯ୍ୟାୟରେ ୫୧୬ ବରିଷ୍ଠ ନାଗରିକଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବୈଦନାଥପୁର ଥାନା ଅଞ୍ଚଳରେ ପଞ୍ଜୀକରଣ କରିଥିବା ମୋଟ ୧୫୧ ଜଣ, ଗୋଷାଣୀ ନୂଆଗାଁ ଥାନା ଅଞ୍ଚଳର ୬୧, ଟାଉନ ଥାନା ଅଞ୍ଚଳର ୧୧୨, ବଡବଜାର ଥାନା ଅଞ୍ଚଳର ୯୨, ସଦର ଥାନା ଅଞ୍ଚଳର ୧୦୦ ଜଣ ବରିଷ୍ଠ ନାଗରିକ ପ୍ରମାଣପତ୍ର ପାଇଛନ୍ତି। ପୋଲିସ ସେମାନଙ୍କର ସୁବିଧା, ଅସୁବିଧା ବୁଝିବା ସହ ସୁରକ୍ଷା ଦାୟିତ୍ୱ ନେବ। ନିଜ ଅଞ୍ଚଳର ଥାନାରେ ସ୍ୱତନ୍ତ୍ର ବରିଷ୍ଠ ନାଗରିକ ସେଲ୍‌ର ନୋଡାଲ ଅଫସରଙ୍କ ଦ୍ୱାରା ସହଯୋଗ ଯୋଗାଇ ଦିଆଯିବ ବୋଲି ଜଣାପଡିଛି । କାର୍ଯ୍ୟକ୍ରମରେ ବିଜୁ ପଟ୍ଟନାୟକ ବରିଷ୍ଠ ନାଗରିକ ସଂଘ, ବୟୋଜେଷ୍ଠ ଫୋରମ ଇତ୍ୟାଦିର ବହୁ ମହିଳା ପୁରୁଷ ଯୋଗଦେଇଥିଲେ । ପୋଲିସ ଅଧିକାରୀମାନଙ୍କ ମଧ୍ୟରେ ଡିଆଇବିର ଡିଏସ୍‌ପି ଅଜୟ କୁମାର ମିଶ୍ର, ଟାଉନ ଏସ୍‌ଡିପିଓ ପ୍ରଭାତ ଚନ୍ଦ୍ର ରାଉତରାୟ, ସଦର ଥାନା ଏସ୍‌ଡିପିଓ ଅଶୋକ ଚନ୍ଦ୍ର ମହାନ୍ତିଙ୍କ ସମେତ ବିଭିନ୍ନ ଥାନାର ଥାନାଧିକାରୀ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଯୌତୁକ ନିର୍ଯାତନା ମାମଲା
## ଶାଶୁ, ଦିଅର ନିର୍ଦ୍ଦୋଷରେ ଖଲାସ

ବ୍ରହ୍ମପୁର ଅଫିସ,୨୪।୮

ଏକ ଯୌତୁକ ନିର୍ଯାତନା ମାମଲାର ବିଚାର କରି ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍ ମୋନିତା ତ୍ରିପାଠୀ ପ୍ରମାଣ ଅଭାବରୁ ଶାଶୁ, ଦିଅରଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୨୦୦୭ ମାର୍ଚ୍ଚ ୨୦ ତାରିଖରେ ବ୍ରହ୍ମପୁର ପ୍ରେମନଗର ଅଞ୍ଚଳର ଏସ୍. ଶାରଦା ସ୍ଥାନୀୟ ମହିଳା ଥାନାରେ ତାଙ୍କ ଶ୍ୱଶୁର ଘର ଲୋକଙ୍କ ବିରୋଧରେ ଅଭିଯୋଗ କରିଥିଲେ। ସ୍ୱାମୀ ଏସ୍.ଶ୍ରୀନିବାସ, ଶ୍ୱଶୁର ଏସ୍. ସନ୍ନ୍ୟାସୀ, ଦିଅର ଏସ୍. ରମଣା ଓ ଶାଶୁ ଏସ୍. ପାର୍ବତୀ ତାଙ୍କୁ ଯୌତୁକ ପାଇଁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ ବୋଲି ଏତଲାରେ ଦର୍ଶାଇଥିଲେ। ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା । ପରେ ସେମାନେ ଜାମିନରେ ଆସି ଶାରଦାଙ୍କୁ ନେଇ ଦିଲ୍ଲୀରେ ଘର ଭଡା କରି ରହୁଥିଲେ। ତେବେ ୨୦୦୮ରେ ଶାରଦାଙ୍କ ମୃତ୍ୟୁ ଘଟିଥିଲା। ଯୌତୁକ ନିର୍ଯାତନା ମାମଲାରେ ପ୍ରମାଣ ଅଭାବରୁ ଦିଅର ଓ ଶାଶୁଙ୍କୁ ବିଚାରପତି ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ସରକାରଙ୍କ ତରଫରୁ ସୁଦର୍ଶନ ମହାଙ୍କୁଡ ଓ ଅଭିଯୁକ୍ତଙ୍କ ତରଫରୁ ମନୋଜ ପଟ୍ଟନାୟକ ଓ କିଶୋର ପଟ୍ଟନାୟକ ମକଦ୍ଦମା ପରିଚାଳନା କରୁଥିଲେ।

## ବନ୍ୟାଞ୍ଚଳରେ ରିଲିଫ୍ ବଣ୍ଟନ

ବ୍ରହ୍ମପୁର ଅଫିସ୍,୨୪।୮

ମାଲକାନଗିରି ଜିଲା ମାଥିଲି ବ୍ଲକର ବନ୍ୟା ଅଞ୍ଚଳରେ ବ୍ରହ୍ମପୁର ମହାନଗର ବିଜୁ ଯୁବ ଜନତା ଦଳ ପକ୍ଷରୁ ରିଲିଫ୍ ବଣ୍ଟନ କରାଯାଇଛି । ଟ୍ରକରେ ଚାଉଳ, ଆଳୁ, ଚୁଡ଼ା, ଗୁଡ଼, ବସ୍ତ୍ର, ବିସ୍କୁଟ, ତାର୍ପୋଲିନ ଆଦି ରିଲିଫ୍ ସାମଗ୍ରୀ ମାଲକାନଗିରିକୁ ନିଆଯାଇଥିଲା। ମାଥିଲି, ଦଳପତିଗୁଡ଼ା, କିଆଙ୍ଗ, ଟଙ୍କିଆପୁଟ, କୁଟଳିପାଲି, ପାତ୍ରପୁଟୁ, କେଟାଳଗୁଡ଼ା ଆଦି ଅଞ୍ଚଳରେ ଏସବୁ ବଣ୍ଟନ କରାଯାଇଥିଲା। ଦୁର୍ମାଗୁଡ଼ା ଏବଂ ଗୋଲିଆଗୁଡ଼ା ମୁଖ୍ୟ ରାସ୍ତାକୁ ମାଓବାଦୀମାନେ ଖୋଳି ଦେଇଥିଲେ ମଧ ବିଜେଡି କର୍ମୀମାନେ ସେଠାକୁ ଯାଇ ରିଲିଫ୍ ବଣ୍ଟନ କରିଥିଲେ। ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ଶିଶା ଓ ମାଥିଲି ବିଡ଼ିଓ ଆଶିଷ କୁମାର ଭୋଇ ସେମାନଙ୍କ ସହ ଯୋଗଦେଇଥିଲେ। ସଭାପତି ମୁକୁନ୍ଦ ଗୌଡ଼ ଏବଂ ଉପସଭାପତି ଆର୍. ମୁରଲୀ ମୋହନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୁବ ବିଜେଡ଼ି କର୍ମକର୍ତ୍ତା ରାଜେଶ୍ୱର ବେହେରା, ଚେତନ କୁମାର ଚୌଧୁରୀ, ଏମ୍. ରବି, ପ୍ରସନ୍ନ କୁମାର ଗନ୍ତାୟତ, ୱାଇ. ପ୍ରକାଶ ନାଇଡୁ, ଟୁନା ମହାରଣା, କେ. ରବି, ଆର୍. କ୍ରିଷ୍ଣା ରେଡ୍ଡୀ, ସୂର୍ଯ୍ୟକାନ୍ତ ସୁବୁଦ୍ଧି, ଅଭିନ୍ନ ସୁନ୍ଦର ବେହେରା, ପ୍ରଦୀପ ନାୟକ, ଏଲ. ରବି, ମିର୍ଜା ଜାୱେଦ୍ ବେଗ୍, ଅରୁଣ କୁମାର ଗରୁଡ଼, ଶିବା ରାଓ, ହରିଶ୍ଚନ୍ଦ୍ର ସେଠୀ, ଅନିଲ ଚୌଧୁରୀ, ରାମ ପଣ୍ଡା, ଦିଲୀପ ପାତ୍ର ଏବଂ କେ. ମୁନା ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ ।


ବନ୍ୟା ବିପନ୍ନଙ୍କୁ ରିଲିଫ୍ ବଣ୍ଟନ କରାଯାଇଛି ।

## ସରକାରୀ ଆଇଟିଆଇର ୨୩୦ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି

ବ୍ରହ୍ମପୁର ଅଫିସ, ୨୪।୮

ବ୍ରହ୍ମପୁର ସରକାରୀ ଆଇଟିଆଇ ପରିସରେ ନିଯୁକ୍ତି ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଦିଲ୍ଲୀସ୍ଥିତ ଲାଭା କମ୍ପାନୀ ପକ୍ଷରୁ ଆୟୋଜିତ ଏହି ମେଳାରେ ଗଞ୍ଜାମ ଜିଲାର ବ୍ରହ୍ମପୁର ସମେତ ଛତ୍ରପୁର, ହିଞ୍ଜିଳିକାଟୁ, ପୁରୁଷୋତ୍ତମପୁର, ଚନ୍ଦ୍ରଗିରି, ଫୁଲବାଣୀର ୩୫୦ରୁ ଊର୍ଦ୍ଧ ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ସେଥିମଧ୍ୟରୁ ୨୩୦ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା । ବ୍ରହ୍ମପୁର ଉପଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ । ଅନ୍ୟତମ ଅତିଥି ଭାବେ ଆଇଜରର ନିର୍ଦ୍ଦେଶକ କେ. ଭି ଆଚାରୀ, ଆଇଟିଆଇର ଅଧକ୍ଷ ରଜତ କୁମାର ପାଣିଗ୍ରାହୀ ମଞ୍ଚାସୀନ ଥିଲେ । ନିଯୁକ୍ତିପତ୍ର ପାଇଥିବା ଛାତ୍ରୀଛାତ୍ରମାନେ ଆସନ୍ତା ସେପ୍ଟେମ୍ବର ୧ରେ ଲାଭା କମ୍ପାନୀର ଦିଲ୍ଲୀ ଶାଖାରେ କାର୍ଯ୍ୟାରେ ଯୋଗ ଦେବା ନେଇ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି ।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର


@ ବିଷ୍ଣୁ


@ ବିଶ୍ୱରଞ୍ଜନ


@ ମଣ୍ଟୁ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ
bmpselfie@gmail.com
(ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

### ■ ବିନାୟକ କଲେଜ ରାସ୍ତାରେ ଡମ୍ପିଂୟାର୍ଡ
# ବିଏମ୍‌ସି କମିଶନରଙ୍କୁ ଛାତ୍ରୀଛାତ୍ରଙ୍କ ଦାବିପତ୍ର


ବିଏମସି କାର୍ଯ୍ୟାଳୟରେ ଯୁବଗୋଷ୍ଠୀ ଓ ବିନାୟକ ଆଚାର୍ଯ୍ୟ କଲେଜ ଛାତ୍ରୀଛାତ୍ରମାନେ।

ବ୍ରହ୍ମପୁର ଅଫିସ,୨୪।୮

ବ୍ରହ୍ମପୁର ଫାଷ୍ଟଗେଟ ନିକଟସ୍ଥ ବିନାୟକ ଆଚର୍ଯ୍ୟ କଲେଜ ରାସ୍ତା ପାର୍ଶ୍ୱ ଡମ୍ପିଂୟାର୍ଡ ପାଲଟିଛି। ପ୍ରତ୍ୟେକ ଦିନ ଆଖପାଖ ଅଞ୍ଚଳର ଟନ ଟନ ଆବର୍ଜନା ଏଠାରେ ଜମା କରାଯାଉଥିବା ବେଳେ ତାହାକୁ ନିୟମିତ ଉଠାଯାଉନାହିଁ। ଫଳରେ ଯାତାୟାତରେ ସମସ୍ୟା ଦେଖାଯାଉଛି। ଶୁକ୍ରବାର ବିନାୟକ କଲେଜ ଛାତ୍ରଙ୍କ ସମେତ ସ୍ଥାନୀୟ ଯୁବଗୋଷ୍ଠୀ ମିଳିତ ଭାବେ ବ୍ରହ୍ମପୁର ମହାନଗର ନିଗମ(ବିଏମସି) କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ଭେଟି ଏ ନେଇ ଦାବିପତ୍ର ପ୍ରଦାନ କରିଛନ୍ତି । କଲେଜକୁ ଯାତାୟାତ ପାଇଁ ଏକମାତ୍ର ଉକ୍ତ ରାସ୍ତା ପାର୍ଶ୍ୱରେ ଡମ୍ପିଂୟାର୍ଡ ହୋଇଥିବାରୁ ଛାତ୍ରୀଛାତ୍ର ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ବର୍ଷାଦିନେ ଅଧିକ ହଇରାଣ ହେବାକୁ ପଡୁଛି। ସେଠାରେ ଆବର୍ଜନା ନ ପକାଇବା ଓ ରାସ୍ତାକୁ ନିୟମିତ ସଫା କରିବାକୁ ବହୁବାର ଦାବି କରାଯାଉଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ତେଣୁ କଲେଜ ରାସ୍ତାରୁ ତୁରନ୍ତ ଡମ୍ପିଂୟାର୍ଡ ହଟାଇବାକୁ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। ଦେଢ଼ମାସ ମଧ୍ୟରେ ସମସ୍ୟାର ସମାଧାନ ହେବ । କଲେଜ ରାସ୍ତା ପାର୍ଶ୍ୱରୁ ଆବର୍ଜନା ହଟାଯିବା ସହ ସେଠାରେ ଅଣ୍ଡରଗ୍ରାଉଣ୍ଡ ଡଷ୍ଟବିନ ଲଗାଯିବ ବୋଲି କମିଶନର ପ୍ରତିଶ୍ରୁତି ଦେଇଛନ୍ତି। କମିଶନରଙ୍କ ଏହି ପ୍ରତିଶ୍ରୁତିରେ ଛାତ୍ରୀଛାତ୍ର ଓ ଯୁବଗୋଷ୍ଠୀ ଅସନ୍ତୁଷ୍ଟ ଥିବା ପ୍ରକାଶ କରିଛନ୍ତି । ଯଥାଶୀଘ୍ର ଡମ୍ପିଂୟାର୍ଡ ସ୍ଥାନାନ୍ତର ପାଇଁ ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ଦାବିପତ୍ର ପ୍ରଦାନ ବେଳେ ପବିତ୍ର ମହାନ୍ତିଙ୍କ ସମେତ ବିନାୟକ ଆଚାର୍ଯ୍ୟ କଲେଜ ଛାତ୍ର ସଂସଦର ଦେବାନନ୍ଦ ପଣ୍ଡା, ରମେଶ ଚନ୍ଦ୍ର ବେହେରା, ଇ.ସାଇକ୍ରିଷ୍ଣା ସରବ, ସାଗର ବେହେରା, ଏଲ. ହରିପ୍ରସାଦ, ସୌମ୍ୟରଞ୍ଜନ ବାଡତ୍ୟା ଓ ଅନ୍ୟ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. | ବ୍ରହ୍ମପୁର, ଶନିବାର, ଅଗଷ୍ଟ ୨୫/୨୦୧୮ | Berhampur, Saturday, August, 25/ 2018

# କାଠ ବୋଝେଇ ଟ୍ରାକ୍ଟର ଜବତ, ଚାଳକ ଫେରାର

ଦିଗପହଣ୍ଡି,୨୪।୮(ଡି.ଏନ.ଏ.)

ଦିଗପହଣ୍ଡି-ଆସିକା ମୁଖ୍ୟରାସ୍ତାର ପଳାସପୁର ଗାଁ ଛକ ନିକଟରେ ବନ ବିଭାଗ ପକ୍ଷରୁ ଗୁରୁବାର ରାତି ପ୍ରାୟ ୧୧ଟାରେ କାଠ ବୋଝେଇ ଏକ ଟ୍ରାକ୍ଟର (ନଂ ଓଡ଼ି୦୭ସି୯୪୦୪) ଜବତ କରାଯାଇଛି। ପାଟ୍ରୋଲିଂ ବେଳେ ବନ କର୍ମଚାରୀମାନେ ଦ୍ରୁତଗତିରେ ଯାଉଥିବା ଉକ୍ତ ଟ୍ରାକ୍ଟରକୁ ଅଟକାଇଥିଲେ। ତେବେ ଅନ୍ଧାରର ସୁଯୋଗ ନେଇ ପୂର୍ତ୍ତ ବିଭାଗ ରାସ୍ତାକଡ଼ରେ ଟ୍ରାକ୍ଟରଟିକୁ ଛାଡ଼ିଦେଇ ଚାଳକ ଚମ୍ପଟ ମାରିଥିଲେ। ବ୍ରହ୍ମପୁର ବନଖଣ୍ଡ କାର୍ଯ୍ୟାଳୟ ଭ୍ରାମ୍ୟମାଣ ସହକାରୀ ରେଞ୍ଜର ପୂର୍ଣ୍ଣଚନ୍ଦ୍ର ସାହୁ, ଫରେଷ୍ଟର ଅରୁଣ କୁମାର ଦାସ,


ଜବତ କାଠ ବୋଝେଇ ଟ୍ରାକ୍ଟର।

ମୁରାରି ପ୍ରସାଦ ରଥ, ଏନ. ବାଲାଜୀ, ଫରେଷ୍ଟ ଗାର୍ଡ ଶିବ ପ୍ରସାଦ ଚୌଧୁରୀ, ସନ୍ତୋଷ ମଲିକ, ନୀଳମାଧବ ଜେନା ପାଟ୍ରୋଲିଂ କରୁଥିବା ବେଳେ କାଠ ବୋଝେଇ ଟ୍ରାକ୍ଟରକୁ ଅଟକାଇଥିଲେ। ପାଟପୁର ନିକଟ ରତନେଇ ରେଖାଙ୍କିତ ସଂରକ୍ଷିତ ଜଙ୍ଗଲ ଅଧୀନ ଭୀମନଗର ଆମ୍ବଖୋଲିଆ ଅଞ୍ଚଳରୁ ଏସବୁ ଚୋରା କାଠବଲା ପାଟପୁର ଗ୍ରାମକୁ ଯାଉଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଦିଗପହଣ୍ଡି ରେଞ୍ଜର ପରମାନନ୍ଦ ପାଣିଗ୍ରାହୀ ଜଣାଇଛନ୍ତି। ଟ୍ରାକ୍ଟରରୁ ୧୩୫ଟି କାଠ ବଲା ଜବତ କରାଯାଇଛି । ଏ ନେଇ ଦିଗପହଣ୍ଡି ବନ ବିଭାଗ ମାମଲା ନଂ ୟୁଡି ୭/୧୮ ରୁଜୁ କରାଯାଇଛି । ସେହିପରି କଇଠଖଣ୍ଡି ଗାଁ ଛକରୁ ୮ ଘନଫୁଟ ଜାମୁକୋଳି କାଠପଟା ବୋଝେଇ ୨ଟି ସାଇକେଲକୁ ଜବତ କରାଯାଇଛି ।

## ■ ବିଦ୍ୟାଳୟରେ ପଶି ଗାଳିଗୁଲଜ ଅଭିଯୋଗ

# ଜଣେ ଗିରଫ, ୩ ଫେରାର

ଜଗନ୍ନାଥପ୍ରସାଦ,୨୪।୮

ଜଗନ୍ନାଥପ୍ରସାଦ ବ୍ଲକ ଆଜ୍ଞାପ୍ରସାଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଶି ପାଚିକା ଓ ଶିକ୍ଷୟିତ୍ରୀଙ୍କୁ ଗାଳିଗୁଲଜ କରିବା ଅଭିଯୋଗରେ ଜଗନ୍ନାଥପ୍ରସାଦ ପୋଲିସ ଶୁକ୍ରବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଆଜ୍ଞାପ୍ରସାଦ ଗ୍ରାମର ବରୁଣ ପ୍ରଧାନ। ଏଥିରେ ଥିବା ଅନ୍ୟ ୩ ଜଣ ଫେରାର ହୋଇଯାଇଛନ୍ତି। ପ୍ରଧାନ ଶିକ୍ଷକଙ୍କ ଏତଲାକ୍ରମେ ପୋଲିସ ନଂ.୧୩୧/୧୮ରେ ଏକ ମାମଲା ରୁଜୁ କରିଛି। ପ୍ରକାଶ ଯେ, ମଙ୍ଗଳବାର ପୂର୍ବାହ୍ନ ସାଢେ ୧୧ଟାରେ ଆଜ୍ଞାପ୍ରସାଦ ଗ୍ରାମର ୪ ଜଣ ବ୍ୟକ୍ତି ବିଦ୍ୟାଳୟକୁ ଆସି ମଧ୍ୟାହ୍ନ ଭୋଜନ ପାଇଁ ପ୍ରସ୍ତୁତ ହୋଇଥିବା ଖାଦ୍ୟ ଦେଖିଥିଲେ। ପାଚିକାମାନେ ଏହାକୁ ବିରୋଧ କରିବାରୁ ନିମ୍ନମାନର ଖାଦ୍ୟ ରୋଷେଇ କରିଛ ବୋଲି କହି ଗାଳିଗୁଲଜ କରିଥିଲେ। ପାଟି ଶୁଣି ଶିକ୍ଷୟିତ୍ରୀମାନେ ପହଞ୍ଚିବା ପରେ ସେମାନଙ୍କୁ ମଧ ଗାଳିଗୁଲଜ କରିବା ସହ ସେମାନଙ୍କର ଫଟୋ ମୋବାଇଲ ଫୋନରେ ଉଠାଇଥିଲେ। ପ୍ରଧାନ ଶିକ୍ଷକ ସେମାନଙ୍କୁ ବୁଝାଇବାରେ ବିଫଳ ହେବାରୁ ସ୍ଥାନୀୟ ଥାନାକୁ ଫୋନ କରି ଜଣାଇଥିଲେ। ପୋଲିସକୁ ଦେଖି ଘଟଣାସ୍ଥଳରୁ ୩ଜଣ ଦୌଡ଼ି ପଳାଇଥିବା ବେଳେ ବରୁଣ ପ୍ରଧାନଙ୍କୁ ପୋଲିସ କାବୁ କରିଥିଲା। ତାଙ୍କୁ ଥାନାକୁ ଆଣିବା ପରେ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ନାଇକ ଥାନାକୁ ଆସି ଏତଲା ଦେଇଥିଲେ। ଏନେଇ ପୋଲିସ ନଂ.୧୩୧/୧୮ରେ ମାମଲା ରୁଜୁ କରି ବରୁଣଙ୍କୁ କୋର୍ଟଚାଲାଣ କରିଥିଲା। ଅନ୍ୟ ତିନିଜଣଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ଅନିରୁଦ୍ଧ ମୁଦୁଲି ପ୍ରକାଶ କରିଛନ୍ତି।

## ■ମହିଳା ଡାକ୍ତରଙ୍କ ଆତ୍ମହତ୍ୟା ଘଟଣା

# ଗଞ୍ଜାମ ଏସ୍‌ପିଙ୍କୁ ଭେଟିଲେ ମା’


ଏସ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

ଛତ୍ରପୁର,୨୪।୮(ଡି.ଏନ.ଏ.)

ଛତ୍ରପୁର ରେଲୱେ ଫାଟକ ନିକଟ ଧାରଣାରେ ଗତ ୧୭ ତାରିଖରେ ଛତ୍ରପୁର ବ୍ଲକ ସୁନ୍ଦରପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଅର୍ଚ୍ଚନା ଦାଶ ଆତ୍ମହତ୍ୟା କରିଥିଲେ। ଶ୍ୱଶୁର ଘର ଲୋକେ ଝିଅକୁ ନିର୍ଯାତନା ଦେଉଥିଲେ ବୋଲି ଅର୍ଚ୍ଚନାଙ୍କ ମା’କୁସୁମପ୍ରଭା ମିଶ୍ର ଛତ୍ରପୁର ଥାନାରେ ଏତଲା ଦେଇଥିଲେ । ଏହି ମାମଲାରେ ମୃତା ଅର୍ଚ୍ଚନାଙ୍କ ସ୍ୱାମୀଙ୍କ ସମେତ ୮ ଜଣଙ୍କୁ ପୋଲିସ ଏ ପର୍ଯ୍ୟନ୍ତ ଧରି ପାରିନାହିଁ। ଅନ୍ୟପକ୍ଷରେ ଅର୍ଚ୍ଚନାଙ୍କ ମା’ କୁସୁମପ୍ରଭା ଗୁରୁବାର ଗଞ୍ଜାମ ଏସପି ବ୍ରିଜେଶ କୁମାର ରଏଙ୍କୁ ଭେଟି ୮ ପୃଷ୍ଠାର ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ସେ ଏସପିଙ୍କୁ ଅନୁରୋଧ କରିଛନ୍ତି। ପୋଲିସର ଏକ ସ୍କ୍ୱାଡ ଭୁବନେଶ୍ୱର ଯାଇଛି, ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଚାଲିଥିବା ଏସପି କହିଛନ୍ତି। ସୂଚନାଯୋଗ୍ୟ, ସ୍ୱାମୀଙ୍କ ପକ୍ଷରୁ ଦାଖଲ ହୋଇଥିବା ଛାଡପତ୍ର ପିଟିଶନ ପରିପ୍ରେକ୍ଷୀରେ ସେପ୍ଟେମ୍ବର ୧୦ ତାରିଖରେ ହାଜର ହୋଇ ନିଜର ପକ୍ଷ ରଖିବାକୁ ଭୁବନେଶ୍ୱରସ୍ଥିତ ପରିବାର ଜଜ୍ କୋର୍ଟ ପକ୍ଷରୁ ଅର୍ଚ୍ଚନାଙ୍କ ନିକଟକୁ ନୋଟିସ୍ ଆସିଥିଲା । ଏଥିରେ ମାନସିକ ଭାରସାମ୍ୟ ହରାଇ ଅର୍ଚ୍ଚନା ଆତ୍ମହତ୍ୟା କରିଥିବା ତାଙ୍କ ମା’ କହିଛନ୍ତି। ଅର୍ଚ୍ଚନାଙ୍କ ପାଠପଢ଼ା, ଏମବିବିଏସ ଡିଗ୍ରୀ ହାସଲ, ଡାକ୍ତରୀ ଚାକିରି, ବିବାହ, ବ୍ରେନ୍ ହାମରୋଜ୍, ଚିକିତ୍ସାରେ ଅବହେଳା, ନିର୍ଯାତନା ଆଦି ସମ୍ପର୍କରେ ଏସ୍‌ପିଙ୍କୁ ଦେଇଥିବା ସ୍ମାରକପତ୍ରରେ କୁସୁମପ୍ରଭା ଉଲ୍ଲେଖ କରିଛନ୍ତି।











2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ– ତଥାଗତ ଷଡ଼ପଥୀ